ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.82 Bhubaneswar Monday, May 10, 2021 | ୨୪ତମ ବର୍ଷ ସଂଖ୍ୟା–୮୨ ଭୁବନେଶ୍ୱର, ସୋମବାର, ମେ ୧୦, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କର ସୁନ୍ଦରଗଡ଼ ଜିଲ୍ଲାରେ କୋଭିଡ୍ ପରିଚାଳନା ସମୀକ୍ଷା

## ଜିଲ୍ଲାରେ ଅଧିକ ୯୦ ଆଇସିୟୁ ଓ ୧୨୦ ଅକ୍ସିଜେନ୍ ବେଡ୍ କରାଯିବ
## ଦୈନିକ ଆରଟିପିସିଆର ଟେଷ୍ଟିଂ କ୍ଷମତା ୫୦୦କୁ ବୃଦ୍ଧି କରାଯିବ

ଭୁବନେଶ୍ୱର,୯ ।୫(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀଯୁକ୍ତ ଅସିତ୍ କୁମାର ତ୍ରିପାଠୀ ଆଜି ରାଉରକେଲା ଗସ୍ତ କରି ସୁନ୍ଦରଗଡ଼ ଜିଲ୍ଲାର କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ତାଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ ମଧ୍ୟ ଏହି ଗସ୍ତରେ ଆସିଥିଲେ। ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ଅସିତ୍ ତ୍ରିପାଠୀ କହିଥିଲେ ଯେ, ଜିଲ୍ଲାରେ କୋଭିଡ୍ ଚିକିତ୍ସା ପାଇଁ ବର୍ତ୍ତମାନ ଆବଶ୍ୟକ ସଂଖ୍ୟକ ଡାକ୍ତରଖାନା ଅଛି ଏବଂ ଏସବୁରେ ଅକ୍ସିଜେନଯୁକ୍ତ ବେଡ୍ ଓ ଆଇସିୟୁ ବେଡର ବ୍ୟବସ୍ଥା ରହିଛି। ଖୁବଶୀଘ୍ର ୯୦ଟି ଆଇସିୟୁ ବେଡ୍ ଏବଂ ୧୨୦ଟି ଅକ୍ସିଜେନଯୁକ୍ତ ବେଡ୍ ସ୍ଥାପନ କରାଯିବ। ବର୍ତ୍ତମାନ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ଅକ୍ସିଜେନ ସିଲିଣ୍ଡର ଓ ଯଥେଷ୍ଟ ପରିମାଣରେ ଅକ୍ସିଜେନ ମହଜୁଦ ରହିଛି। ଶ୍ରୀଯୁକ୍ତ ତ୍ରିପାଠୀ ଆହୁରି କହିଥିଲେ ଯେ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ୫୦୦ ଅକ୍ସିଜେନ୍ ଶଯ୍ୟା ବିଶିଷ୍ଟ ଏକ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ଏହା ସୁନ୍ଦରଗଡ଼ ଜିଲ୍ଲା ଏବଂ ବିଶେଷକରି ରାଉରକେଲା ସହରରେ କୋଭିଡ୍ ଚିକିତ୍ସା କ୍ଷେତ୍ରରେ ଅଧିକ ସହାୟକ ହେବ। ରାଜ୍ୟ ସରକାରଙ୍କ ଏହି ଉଚ୍ଚସ୍ତରୀୟ ଟିମ୍ ମଧ୍ୟ ରାଉରକେଲା ମହାନଗର ନିଗମ ଦ୍ୱାରା ପରିଚାଳିତ ୨୪ ଘଂଟିଆ କୋଭିଡ୍ ହେଲ୍ପଲାଇନ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ହେଲ୍ପଲାଇନ୍ ମାଧ୍ୟମରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କୁ କିପରି ବିଭିନ୍ନ ସୂଚନା ଓ ସହାୟତା ଯୋଗାଇ ଦିଆଯାଉଛି ତାହା ଅନୁଧ୍ୟାନ କରିଥିଲେ। ଏହା ସହିତ ଟିମ୍ ହାଇଟେକ୍ କୋଭିଡ୍ ହସ୍ପିଟାଲ ପରିଦର୍ଶନରେ ଯାଇଥିଲେ। ପରେ ପରେ ଜିଲ୍ଲାର କୋଭିଡ୍ ପରିଚାଳନା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ଏହି ଅବସରରେ ଅସିତ୍ ତ୍ରିପାଠୀ କହିଥିଲେ ଯେ, ଜିଲ୍ଲାରେ କୋଭିଡ୍ ଚିକିତ୍ସା ନିମନ୍ତେ ଆଧୁନିକ ବ୍ୟବସ୍ଥାର ଭିତିଭୂମି ସୃଷ୍ଟି କରିବାରେ ବିଭିନ୍ନ ଶିଳ୍ପ କାରଖାନା ଏବଂ ଘରୋଇ ଉଦ୍ୟୋଗ ସହାୟତାର ହାତ ବଢ଼ାଇଛନ୍ତି। ଏଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଅଧିକ ଡାକ୍ତର ମିଳିପାରିଲେ ଜିଲ୍ଲାରେ କୋଭିଡ୍ ଚିକିତ୍ସା କ୍ଷେତ୍ରରେ ଏହା ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ରାଉରକେଲା ହେଉଛି ସୁନ୍ଦରଗଡ଼ ଜିଲ୍ଲାର ପ୍ରମୁଖ ସହର। ତେଣୁ କୋଭିଡ୍ ମୁକାବିଲା ପାଇଁ ଏଠାରେ ସରକାର ଘରୋଇ ସହଭାଗିତାରେ ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ଼ କରିପାରିଛନ୍ତି। କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଲକଡାଉନ୍ ଏବଂ ସଟଡାଉନ୍ ଘୋଷଣା କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ରାଉରକେଲା ମହାନଗର ନିଗମ ମିଳିତ ଭାବରେ ଏହିସବୁ ନିୟମର କଡ଼ାକଡ଼ି ପ୍ରବର୍ତନ ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ ଜିଲ୍ଲାରେ କୋଭିଡ୍ ଟେଷ୍ଟିଂ ସଂଖ୍ୟା ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଆଗାମୀ ୧୦ ଦିନ ମଧ୍ୟରେ ଜିଲ୍ଲାକୁ ଆଉ ଗୋଟିଏ ଆରଟିପିସିଆର ମେସିନ ଯୋଗାଇ ଦିଆଯିବ। ଏହା ଦ୍ୱାରା ଜିଲ୍ଲାରେ ଦୈନିକ କୋଭିଡ୍ ପରୀକ୍ଷା କ୍ଷମତା ୫୦୦କୁ ବୃଦ୍ଧି ପାଇବ। ଏହି ଗସ୍ତ ଓ ସମୀକ୍ଷା ସମୟରେ ସୁନ୍ଦରଗଡ଼ ଶ୍ରୀ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ, ରାଉରକେଲା ଏସପି ଶ୍ରୀ ମୁକେଶ କୁମାର ଭାମୋ, ରାଉରକେଲା ଏଡିଏମ୍ ଶ୍ରୀମତୀ ଆବୋଲି ସୁନିଲ ନରୱଣେ, ରାଉରକେଲା ମହାନଗର ନିଗମ ଶ୍ରୀ କମିଶନର ଦିବ୍ୟଜ୍ୟୋତି ପରିଡ଼ା, ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ରାଉରକେଲାରେ କୋଭିଡ୍ ଚିକିତ୍ସା ଦାୟିତ୍ୱରେ ଥିବା ଏଏମଓ ଡାକ୍ତର ଶଶାଙ୍କ କବି ଶତପଥୀଙ୍କ ସହ ଜିଲ୍ଲାର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଚ୍ୟୁତ ସାମନ୍ତଙ୍କୁ ଆଉ ଏକ ସମ୍ମାନ ସୂଚକ ଡକ୍ଟୋରେଟ୍

ଭୁବନେଶ୍ୱର, ୯ ।୫(ପି.ଏନ): ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ



ସାମନ୍ତଙ୍କୁ ସିକିମ୍ ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ସମ୍ମାନସୂଚକ ଡିଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ଆଜି ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ଉତ୍ସବ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଦେଶ ଓ ବିଦେଶର ବହୁ ଲବ୍ଧ ପ୍ରତିଷ୍ଠିତ ଅନୁଷ୍ଠାନରୁ ଶ୍ରୀ ସାମନ୍ତ ସମ୍ମାନସୂଚକ ଡକ୍ଟୋରେଟ୍ ପାଇଥିବା ବେଳେ ଏହା ତାଙ୍କର ୪୬ତମ ଡକ୍ଟୋରେଟ୍। ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ପଶୁ, ଗୋପାଳନ ଓ ମତ୍ସ୍ୟ ତଥା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିକିମ୍ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଶିକ୍ଷା ଓ ଭୂ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ଓ ଆଇନ୍ ମନ୍ତ୍ରୀ କୁଙ୍ଗ ନିମା ଲେପ୍‌ଚା, ଶିକ୍ଷା ବିଭାଗ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜି ବି ଉପାଧ୍ୟାୟ, ସିକିମ୍ ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ହେମନ୍ତ କୁମାର ଗୋୟଲ, କୁଳପତି ଏସ୍ ଏସ୍ ହାସନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ସିକିମ୍ ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ଦେଇ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରିଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କହିଥିଲେ ଛାତ୍ରଛାତ୍ରୀମାନେ କଠିନ ଅଧ୍ୟବସାୟ ସହ ଦୟା, କ୍ଷମା ଆଦି ସୁଗୁଣକୁ ଆପଣାଇ ସମାଜରେ ଜଣେ ଜଣେ ଭଲ ମଣିଷ ହେବା ଉଚିତ।

### ଖ୍ୟାତିସମ୍ପନ୍ନ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଶୋକ

ଭୁବନେଶ୍ୱର,୯ ।୫(ପି.ଏନ): ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଶ୍ରୀ ମହାପାତ୍ରଙ୍କ ବିୟୋଗ ହୋଇଥିବା ଶୁଣି ସେ ଖୁବ ଦୁଃଖୀ । ସେ ଜଣେ ଖ୍ୟାତିସମ୍ପନ୍ନ ଶିଳ୍ପୀ ଥିଲେ ଓ ସେ ଅନେକ ପୀଢ଼ୀକୁ ଏହି ଶିଳ୍ପର ତାଲିମ ଦେବା ସହ ଓଡିଶାର ଏହି ସମୃଦ୍ଧ ପରମ୍ପରାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ତାଙ୍କ ବିୟୋଗରେ ଦେଶ ଏକ ମହାନ ବ୍ୟକ୍ତିତ୍ୱଙ୍କୁ ହରାଇଲା । ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ତାଙ୍କୁ ତାଙ୍କ ଚରଣରେ ସ୍ଥାନ ଦିଅନ୍ତୁ । ସେ ତାଙ୍କ ପରିବାର ବର୍ଗ ପ୍ରତି ସମବେଦନା ଜଣାଇବା ସହ ତାଙ୍କର ସ୍ନେହ ହରାଇଲେ ବୋଲି କହିଛନ୍ତି ।

## ଗୋଟିଏ ଦିନରେ ୧୦୬୩୫ କରୋନା ଆକ୍ରାନ୍ତ ଚିହ୍ନଟ
## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨

ଭୁବନେଶ୍ୱର,୯ ।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୬୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୩୯୩୨୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୩୨୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୬୩୫ ଜଣଙ୍କ ମଧ୍ୟରୁ ୬୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୬୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୧ ଜଣ, ବରଗଡ଼ରୁ ୪୪୩ ଜଣ, ଭଦ୍ରକରୁ ୧୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୭୯, କଟକରୁ ୮୮୭ ଜଣ, ଦେବଗଡ ଜିଲ୍ଲାରୁ ୧୩୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪୬ ଜଣ, ଗଜପତି ଜିଲ୍ଲାରୁ ୧୦୧, ଗଞ୍ଜାମରୁ ୨୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୪୦ ଜଣ, ଯାଜପୁରରୁ ୨୯୦ ଜଣ, ଝାରସୁଗୁଡ଼ାରୁ ୪୫୬ ଜଣ, କଳାହାଣ୍ଡିରୁ ୪୬୯ ଜଣ, କନ୍ଧମାଳ ଜିଲ୍ଲାରୁ ୭୩ ଜଣ. କେନ୍ଦ୍ରାପଡ଼ାରୁ ୧୧୭ ଜଣ, କେନ୍ଦୁଝରରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୫୬୪ ଜଣ, କୋରାପୁଟରୁ ୧୨୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭୯ ଜଣ, ନବରଙ୍ଗପୁରରୁ ୩୩୬ ଜଣ, ନୟାଗଡ଼ରୁ ୨୫୩ ଜଣ, ନୂଆପଡ଼ାରୁ ୩୨୪ ଜଣ, ପୁରୀରୁ ୪୩୭ ଜଣ, ରାୟଗଡ଼ାରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୪୧ ଜଣ, ସୋନପୁରରୁ ୧୪୯ ଜଣ, ସୁନ୍ଦରଗଡ଼ରୁ ୯୪୩ ଜଣ ଓ ଷ୍ଟେଟ୍ ପୁଲରୁ ୨୭୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ଡ଼ଃ ପାଟ୍ଟଶାଣୀଙ୍କ ଶୋକ

ଭୁବନେଶ୍ୱର (ପି.ନ୍): ପ୍ରସିଦ୍ଧ ଶିଳ୍ପ ତଥା ରାଜ୍ୟ ସଭା ସାଂସଦ ରଘୁନାଥ ମହାପାତ୍ରଙ୍କ କରୁଣା ଭୁତାଣୁ ଜନିତ ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଡ଼ଃ ପ୍ରସନ୍ନ ପାଟ୍ଟଶାଣୀ ଗଭୀର ଶୋକ ବକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।



ସ୍ୱର୍ଗତଃ ରଘୁନାଥ ମହାପାତ୍ରଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ଭୁବନେଶ୍ୱର ପୂର୍ବତନ ସାଂସଦ ଡ଼ଃ ପ୍ରସନ୍ନ ପାଟ୍ଟଶାଣୀ

## କିସ୍ ବିଶ୍ୱବିଦ୍ୟାଳୟରେ ପ୍ରମୁଖ ବ୍ୟକ୍ତିଙ୍କ ଯୋଗଦାନ

ଭୁବନେଶ୍ୱର,୯ ।୫(ପି.ଏନ): କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦପଦବୀରେ ବିଶିଷ୍ଟ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ତଥା ଶିକ୍ଷାବିତ୍ ଯୋଗ ଦେଇଛନ୍ତି। ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଥିବା ସୁନାମ ଧନ୍ୟ ଓଡ଼ିଆ ଅଧିକାରୀ ସୁନାମ ଧନ୍ୟ ଓଡ଼ିଆ ପୁଅ ଗଞ୍ଜାମ ଜିଲ୍ଲାରେ ଜନ୍ମିତ ଡ. ଉପେନ୍ଦ୍ର ତ୍ରିପାଠୀ କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଭାବେ ଯୋଗ ଦେଇଛନ୍ତି। ଡ. ତ୍ରିପାଠୀ ଭାରତ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ହୋଇପାରିଛନ୍ତି। ଶିକ୍ଷାବିତ୍ ତଥା ଜଣେ ଦକ୍ଷ ଗବେଷକ ଭାବେ ଦୀର୍ଘ ଅଭିଜ୍ଞତା ଥିବା ତାମିଲ୍‌ନାଡୁସ୍ଥିତ ରାଜୀବ ଗାନ୍ଧୀ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୁଥ ଡେଭେଲପ୍‌ମେଣ୍ଟର ଡେଭେଲ-ମୟୂରଭଞ୍ଜ ଜିଲ୍ଲାର ଏକ ଜନଜାତି ପରିବାରରେ ଜନ୍ମିତ ଏହି ଓଡ଼ିଆ ବ୍ୟକ୍ତି ଜଣେ ଦକ୍ଷ ପ୍ରଶାସକ ଭାବେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ଉଭୟ ପୋଲିସ୍ ପ୍ରଶାସନିକ ସେବା ସହ ଭାରତୀୟ ବନ ସେବା



Satya-S-Tripathi



Upendra Tripathy



Prof. Deepak-Kumar-Behera



Dr. Pitabasa Sahoo



Dr. Kanhu Charan Mahali

ପୁଅ କଟକ ଜିଲ୍ଲାର ଅଧିବାସୀ ସତ୍ୟ ଏସ୍ ତ୍ରିପାଠୀ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ଯୋଗ ଦେଇଛନ୍ତି। ମିଳିତ ଜାତିସଂଘର ପୂର୍ବତନ ସହକାରୀ ମହାସଚିବ ତଥା ଗ୍ଲୋବାଲ୍ ଆଲଏନ୍‌ସ ଫର୍ ସଷ୍ଟେନେବଲ୍ ପ୍ଲାନେଟ୍‌ର ମହାସଚିବ ଶ୍ରୀ ତ୍ରିପାଠୀ ୧୯୯୮ରୁ ଦୀର୍ଘ ଦୁଇ ଦଶନ୍ଧୀ ଧରି ଜାତିସଂଘରେ ବିଭିନ୍ନ ପଦପଦବୀରେ ରହି ସେବା ଯୋଗାଇ ଦେଇ ଆସୁଛନ୍ତି। ଜାତିସଂଘର ଶତତ ବିକାଶ କାର୍ଯ୍ୟକ୍ରମ, ଜଳବାୟୁ ପରିବର୍ତ୍ତନ, ମାନବ ଅଧିକାର, ଗଣତାନ୍ତ୍ରିକ ସରକାର ଓ ଆଇନ ବ୍ୟାପାର ଉପରେ କାର୍ଯ୍ୟ କରିଆସୁଛନ୍ତି। ଅର୍ଥନୀତି ଓ ଆଇନ୍ କ୍ଷେତ୍ରରେ ମଧ୍ୟ ତାଙ୍କର ଦୀର୍ଘ ୪୦ବର୍ଷର ଅଭିଜ୍ଞତା ରହିଛି। ସେହିପରି ପ୍ରାକ୍ତନ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ନିଜର କାର୍ଯ୍ୟ ଦକ୍ଷତା ସକାଶେ ସେ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି। ଅନ୍ୟତମ ବିଶିଷ୍ଟ ଶିକ୍ଷାବିତ୍ ତଥା ନୃତତ୍ତ୍ୱବିତ୍ ସମ୍ବଲପୁର ଜିଲ୍ଲାର ଅଧିବାସୀ ପ୍ରଫେସର ଦୀପକ ବେହେରା କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ତିନୋଟି ବିଶ୍ୱବିଦ୍ୟାଳୟ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିବା ସହ ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହେବାର ଗୌରବ ଅର୍ଜନ କରିଥିଲେ। କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭରସିଟିରେ ଫୁଲବ୍ରାଇଟ୍ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରିଥିବା ପ୍ରଫେସର ବେହେରା ନୃତତ୍ତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନର ପ୍‌ମେଣ୍ଟ ବିଭାଗ ପ୍ରାକ୍ତନ ଡିନ୍ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଅଧିବାସୀ ପ୍ରଫେସର ପୀତବାସ ସାହୁ କିସ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ଭାବେ ଯୋଗ ଦେଇଛନ୍ତି। ଜନଜାତି ବିକାଶ, ରିଜିଓନାଲ୍ ଷ୍ଟଡିଜ୍, ଗ୍ରାମ ଉନ୍ନୟନ, ଶତତ ବିକାଶ ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ଅବଧିର ଅଭିଜ୍ଞତା ରହିଛି। ଏହା ବ୍ୟତୀତ ତାଙ୍କର ୟୁଏନ୍‌ଡିପି, ଡବ୍ଲୁଏଫ୍‌ପି, ଏନ୍‌ଡଆର୍‌ଏଡି, ବିଶ୍ୱବ୍ୟାଙ୍କ ଓ ଡିଏଫ୍‌ଆଇଡି ଆଦି ଅନୁଷ୍ଠାନରେ କାର୍ଯ୍ୟ କରିବାର ଦକ୍ଷତା ରହିଛି। ସେହିପରି ତାମିଲନାଡୁ କ୍ୟାଡର୍‌ର ଅବସରପ୍ରାପ୍ତ ଭାରତୀୟ ପୋଲିସ୍ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଡିଜି ର୍‍ୟାଙ୍କର ଡ. କାହ୍ନୁ ଚରଣ ମାହାଲି ଅବସର ପରେ କିସ୍ ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଭାବେ ଯୋଗ ଦେଇଛନ୍ତି। ବିଭାଗରେ ଡ. ମାହାଲିଙ୍କର ଦୀର୍ଘ ୩୪ ବର୍ଷର ଅଭିଜ୍ଞତା ରହିଛି। କିସ୍‌ରେ ଏହି ସମସ୍ତ ସମ୍ମାନଜନକ ପଦପଦବୀରେ ଯୋଗ ଦେଇଥିବା ଲବ୍ଧ ପ୍ରତିଷ୍ଠିତ ପ୍ରଶାସକ ତଥା ଶିକ୍ଷାବିତ୍‌ମାନଙ୍କୁ କିସ୍ ଛାତ୍ର ସଂଘ, କିସ୍ ପୁରତନ ଛାତ୍ର ସଂଘ, କିସ୍ ଆଦିବାସୀ ଅଭିଭାବକ ସଂଘ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବିଭିନ୍ନ ସଂଘ ନିଜ ମତ ଦେଇ କହିଛନ୍ତି, କିସ୍‌କୁ ବିଶ୍ୱରେ ଶୀର୍ଷରେ ପହଞ୍ଚାଇବା ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ନିରନ୍ତର କାର୍ଯ୍ୟ କରି ଚାଲିଛନ୍ତି। ଏଭଳି ଲବ୍ଧ ପ୍ରତିଷ୍ଠିତ ବିଦ୍ୱାନଙ୍କ ଯୋଗଦାନ ଫଳରେ ଆଗମୀ ଦିନରେ ବିଶ୍ୱବିଦ୍ୟାଳୟ ଜନଜାତି ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ହୋଇପାରିବ ବୋଲି ସେମାନେ ଆଶା ପୋଷଣ କରିଛନ୍ତି।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








## ଟି ଟାଇମ୍

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

# କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

# ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କମ୍ରେଡ ପ୍ରଭାତଙ୍କ ପତ୍ନୀ ପାଗଳି ଅବସ୍ଥାରେ ସୁରକ୍ଷା ମାଗିବାରୁ ପୁଲିସ କହିଲା, କୋଭିଡ ସମୟ ଆମେ ଏସବୁକୁ ସମୟ ଦେଇ ପାରିବୁ ନାହିଁ

ରାଉରକେଲା: ରାଉରକେଲାର ଶ୍ରମିକ ନେତା ପ୍ରଭାତ ମିଶ୍ର କରୋନାରେ ଦେହତ୍ୟାଗ କଲା ପରେ ଏକଦା ସରକାରୀ ଚାକିରୀ କରୁଥିବା ତାଙ୍କ ପତ୍ନୀ କବିତା ମହାପାତ୍ରଙ୍କୁ ତାଙ୍କ ଭାଇ ଓ ପରିବାର ଲୋକେ ପାଗଳି ଅବସ୍ଥାରେ ପାଇବା ପରେ ତାଙ୍କର ସୁରକ୍ଷା ଲାଗି ସାନ ଭଉଣୀ କବିତାଙ୍କ ପାଖରେ ରହି ତାଙ୍କୁ ସେବା କରୁଛନ୍ତି । ସେହି ଘରେ ଏକଦା ପ୍ରଭାତଙ୍କର ଗାଡିଚାଳକ ହୋଇ ଥିବା ଶଙ୍କର ଓ ତାର ସହଯୋଗୀ ସ୍ୱର୍ଗତ ପ୍ରଭାତଙ୍କ ପତ୍ନୀ ଓ ତାଙ୍କୁ ସେବା କରୁଥିବା ଲୋକଙ୍କୁ ନାନା ପ୍ରକାର ହଇରାଣ କରିବା, ଏଟିଏମ କାର୍ଡ ଦଖଲ କରିନେବା ଆଦି ଘଟଣାରେ କବିତାଙ୍କ ଭାଇ ଆଜି ପୁଲିସର ଧ୍ୟାନ ଆକର୍ଷଣ କରିବାରୁ ପୁଲିସ କହିଲା କୋଭିଡ ସମୟ ଆମକୁ ସମୟ ନାହିଁ । ଆପଣ ମାନେ କୋର୍ଟରେ ମାମଲା କରନ୍ତୁ । ବାଡା ପିଟା ହେଲେ ଆମେ ବାନ୍ଧିକି ପଠାଇପାରିବୁ ।

ନିକଟରେ ପ୍ରଭାତ ବାବୁଙ୍କର ଦେହାନ୍ତ ହେବା ପରେ ତାଙ୍କ ପତ୍ନୀଙ୍କ ଭଉଣୀ ସେଠାରେ ପହଁଚି ତାଙ୍କର ଦେଖାରେଖା କରୁଛନ୍ତି । ସେଠାରେ ଥିବା ଗାଡି ଚାଳକ ସେହି ଘରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବା ସହ ଏଟିଏମ କାର୍ଡ, କାର, ସ୍କୁଟର ଆଦି ସହ ଘରୁ ନାନା ପ୍ରକାର ସାମଗ୍ରୀ କେଉଁ ଆଡେ କାହାକୁ ସବୁ ଦେଇ ଦେଉଛି ଓ ସେଥିରେ କିଛି ଅସାମାଜିକ ବ୍ୟକ୍ତି ମଧ୍ୟ ତାକୁ ସହଯୋଗ କରୁଛନ୍ତି । ତେଣୁ ପାଗଳି ଭଉଣୀର ଚିକିତ୍ସା ଲାଗି ଚାହୁଁଥିବା ଭାଇ ଯେତେ ଚାହିଁଲେ ମଧ୍ୟ ସମ୍ଭବ ହୋଇପାରୁନାହିଁ, ତେଣୁ ସ୍ଥାନୀୟ ପୁଲିସକୁ ଏସବୁ ଲିଖିତ ଆକାରରେ ଦେଇ ସାହାଜ୍ୟ ମାଗିବାରୁ ଆଜି ଥାନା ପୋଲିସ ଓ ଏସଡିପିଓ କହିଲେ କୋଭିଡ ସମୟ ଆମେ ଏସବୁକୁ ସମୟ ଦେଇ ପାରିବୁ ନାହିଁ । ଥାନା ଅଧିକାରୀ କହିଲେ ଆପଣ ନିଜ ଭଉଣୀକୁ ଚିକିତ୍ସା ଲାଗି ନେଇ ପାରିବେ । ଡ୍ରାଇଭର ତାର ସାମଗ୍ରୀ ଧରି ସେଠାରୁ ଚାଲିଜିବ ତାକୁ ସହଯୋଗ କରିବେ, କିନ୍ତୁ ସେ ଘରୁ କଣ ନେବ ନନେବ ତାର କଣ ଥିଲା ନଥିଲା ସେ ନେଇ କିଛି ସମାଧାନ ହେଲା ନାହିଁ । ସେ ମନ ଇଛା ସେ ଘରୁ ସାମଗ୍ରୀ ଓ ଆସବାବପତ୍ର ନେବା ଆରମ୍ଭ କରିଛି ।

ଅନ୍ୟପକ୍ଷରେ ଏହି ଏତଲାରେ ଲେଖାଯାଇଥିବା ଗୁରତର ଅଭିଯୋଗ ଓ କବିତାଙ୍କୁ କିଏ ଏଭଳି ପାଗଳି କଲା ସେ ନେଇ ପୁଲିସ କୌଣସି ନଜର ଦେଇ ନଥଲା । ବରଂ ଏତଲାରେ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ଗାଡି ଚାଳକ କିଭଳି ଖସି ଯିବ ତାକୁ ସୁଯୋଗ ଦିଆଯାଇଥିବା ଅଭିଯୋଗ ହୋଇଛି । ବର୍ତମାନ ପ୍ରଶ୍ନ ଉଠୁଛି ସ୍ୱର୍ଗତ ପ୍ରଭାତ ବାବୁଙ୍କ ପତ୍ନୀଙ୍କୁ ବିଗତ ଏକ ବର୍ଷ ଭିତରେ କିଏ ଏଭଳି ପାଗଳି କଲା, ସେ ପୁବର୍ରୁ ସଠିକ କଥା ହେଉଥିଲେ,ତାଙ୍କୁ ହାଇଦ୍ରାବାଦ ନେଇ ବ୍ରେନ ମ୍ୟାପିଙ୍ଗ କରାଇ ସକାଳୁ ସଂଧ୍ୟା ଯାଏଁ ଶୋଇ ରହିବା ଲାଗି କିଏ ବଟିକା ଦେଉଥିଲା,ଏସବୁ ପଛରେ କାହାର ହାତ ଥିଲା, କାର୍ , ସ୍କୁଟି କିଏ ନେଲା , ଏଟିଏମ କାର୍ଡ ଗଲା କୁଆଡେ, ପାଗଳି ପତ୍ନୀ ପାଉଥିବା ପେନସନ ଆଦିକୁ କିଏ ଲୁଟୁଛି । ସେ ସବୁ ନେଇ ପୁଲିସ କିଛି ବୁଝିବାକୁ ଚେଷ୍ଟା କଲାନି । ଶେଷ ଖବର ଅନୁଶାରେ ସମ୍ପୃକ୍ତ ଅଭିଯୁକ୍ତ ଡ୍ରାଇଭର ସେହି ଘରେ ୨ଟି ରୁମରେ ତାଲା ପକାଇ ନିଜ ରୁମରେ ରଖିଥିବା ସାମଗ୍ରୀ ଗୁଡିକୁ ଧରି ଚାଲିଯାଇଛି । ବର୍ତମାନ ପେନସନ ପାଉଥିବା ଓ ଅବସର ନେବା ପରେ ପାଇଥିବା ଅର୍ଥ ସମ୍ପର୍କରେ କିଛି ଜାଣି ନପାରି ପାଗଳ ହୋଇଥିବା ଏହି ମହିଳାଙ୍କର ଚିକିତ୍ସା କିଭଳି ହେବ ତାହା ବଡ ପ୍ରଶ୍ନ ହୋଇ ଠିଆ ହୋଇଛି । ରାଜ୍ୟ ସରକାର ଓ ପ୍ରଭାତ ବାବୁଙ୍କ ଦଳର ନେତା ମାନେ ମଧ୍ୟ ବିଚାର କରନ୍ତୁ ଏହା କିଭଳି ନ୍ୟାୟ ସ୍ୱର୍ଗତ ପ୍ରଭାତ ବାବୁଙ୍କ ପରିବାର ପକ୍ଷରୁ ଏନେଇ କୌଣସି ସହଯୋଗ କରାଗଲା ନାହିଁ, ପୁଲିସି ମଧ୍ୟ କହିଲା ସମୟ ନାହିଁ । ଏ ସମ୍ପର୍କରେ ପୁଲିସ ଏସପି, ଡିଜି ପୁଲିସକୁ ମଧ୍ୟ ଜଣାଯାଇଛି , ତେଣୁ ଉପରିସ୍ଥ ଅଧିକାରୀ ମାନେ କିଭଳି ଓ କେବେ ନ୍ୟାୟ ଦେଉଛନ୍ତି ତାକୁ ଏହି ଅବହେଳିତ ମହିଳା ଓ ତାଙ୍କର ସେବା କରୁଥିବା ଲୋକେ ଚାହିଁ ବସିଛନ୍ତି ।

## ବ୍ରହ୍ମଗିରିରେ ଚର୍ଚ୍ଚା

# ରାଜନୈତିକ ମଇଦାନକୁ ଓହ୍ଲାଇବେ ଉପାସନା !

ପୁରୀ: ବ୍ରହ୍ମଗିରିରେ ଏବେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଲୁଲୁ ଗଡକୁ ଗତ ଦୁଇଥର ଧରି କାରସାଦି କରି ଦଖଲକୁ ନେଇଥିଲେ ଜୈନିକ ନେତା । ପୁଣି ଗଡ ରକ୍ଷା କରିବା ପାଇଁ ଲୁଲୁଙ୍କ ଭାଇ ମଇଦାନକୁ ଓହ୍ଲାଇଥିଲେ । ଅସନ୍ତୁଷ୍ଟ ବ୍ରହ୍ମଗିରି ବାସୀ ଲୁଲୁଙ୍କ ଭାଇଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇଥିଲେ । ଶଙ୍ଖୁଆ ନେତା ହାରିବା ପରେ ଜର ବିକଳରେ ତାଟିଆ କାମୁଡିବା ପରି ଏକ ଦାନ୍ତ ନଥିବା ବାଘ ପଦବୀ ଅକ୍ତିଆର କରି ନାଲିଗାଡିରେ ବୁଲୁଛନ୍ତି । ହେଲେ ବ୍ରହ୍ମଗିରି ବାସୀ ଭାତ ହାଣ୍ଡିରୁ ଗୋଟିଏ ଭାତ ପରକ୍ଷିବା ପରେ ସବୁ ଜାଣି ଯାଇଛନ୍ତି । ନେତା ଏବେ ଉହଳବିକଳ ହୋଇ ଲ୍ୟାଟିନ୍ ଉଦଘାଟନ୍, ଘର ପୋଡି, ଦଶାହ କାର୍ଯ୍ୟ, ଜନ୍ମଦିନ, ବିବାହ, ବ୍ରତଘର, ଖେଳ କାର୍ଯ୍ୟକ୍ରମରେ ଯୋଗଦାନ କରୁଛନ୍ତି । ପରେ ପରେ ପ୍ରତିଦିନ ଏକ ସାମାଜିକ ଗଣମାଧ୍ୟମରେ ଫଟୋ ଛାଡି କାର୍ଯ୍ୟରତ ଅଛନ୍ତି ବୋଲି ଶଙ୍ଖପତିଙ୍କୁ ଜଣାଉଛନ୍ତି । ଅଭିନୟକାରୀ ନେତାଙ୍କୁ ବ୍ରହ୍ମଗିରି ବାସୀ ଠିକଣାଭାବେ ଚିହ୍ନିପାରିଛନ୍ତି । ଆସନ୍ତା ପଚାଂୟତ ନିର୍ବାଚନକୁ ଆଖି ଆଗରେ ରଖି ନେତା ଏବେ ଘନ ଘନ ଗସ୍ତକରି ପ୍ରଚାର କରୁଛନ୍ତି । ସ୍ୱର୍ଗତ ଲୁଲୁବାବାଙ୍କୁ ୨୦୧୪ ମସିହାରେ ହରାଇବାକୁ ନେଇ କୋର୍ଟ କଚେରୀରେ ମାମଲା ଚାଲିଥିଲା । ବ୍ରହ୍ମଗିରି ବାସୀ ଗତ ୧୦ବର୍ଷ ଭିତରେ ଫାଇଲିନ୍, ଫନି ସହାୟତା ପାଇପାରିନାହାଁନ୍ତି । ସବୁଠାରୁ ବଡସମସ୍ୟା ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ନହେବାରୁ ଅଂଚଳବାସୀ ମେଳି ହେଲେଣି । ଏହାର ପ୍ରଭାବ ପଚାଂୟତ ନିର୍ବାଚନରେ ପଡିବ । ଚିଲିକା ଓ ସମୁଦ୍ରର ଢେଉ ମାଡରୁ ରକ୍ଷା ପାଇବା ପାଇଁ ରିଙ୍ଗ ଲୁଣାବନ୍ଧ କାମ ଅଧାରେ ଅଟକିଛି । ବ୍ରହ୍ମଗିରି ଡେଲାଙ୍ଗ ରାସ୍ତାରେ ପ୍ରାୟ ୬୦କୋଟି ଟଙ୍କ ଖର୍ଚ୍ଚ ହୋଇଥିଲେ ମଧ୍ୟ ବଡ ବସ ଚାଲିବା ପାଇଁ ସକ୍ଷମ ହୋଇପାରିନାହିଁ । ଗତ କିଛି ଦିନ ଧରି କିଛି କୁଜି ନେତାଙ୍କୁ ଦଳରେ ମିଶାଇ ପ୍ରଚାର କରାଯାଉଛି । ପୁରୁଣା ନେତା ନାଗସାପ ପରି ଫଁ ଫଁ ହେବାରୁ କିଛି ଧଣ୍ଡ ସାପ ସଦୃଶ କୁଜି ନେତା ଶଙ୍ଖଦଳୀଆ ପୋଖରୀରେ ପଶିଯାଇଛନ୍ତି । ହେଲେ ଏମାନଙ୍କର ପୁରୁଣା ନେତାଙ୍କୁ ଭାରି ଡର । ଖୁବଶୀଘ୍ର ବ୍ରହ୍ମଗିରିର ରାଜନୈତିକ ରଣାଙ୍ଗନ ମଇଦାନକୁ ଉପାସନା ଆସିବା ପାଇଁ ପ୍ରାକ୍ ପ୍ରସ୍ତୁତି ଚଳାଇଛନ୍ତି । ଲୁଲୁଙ୍କ ପରି ତାଙ୍କ ଝିଅ ମଧ୍ୟ ଷ୍ମାଣିତ ଶବ୍ଦ ବ୍ୟବହାର କରି ଜନତାଙ୍କ ପ୍ରିୟଭାଜନ ହୋଇପାରିବେ । ଉପାସନାଙ୍କ ପାଇ ବ୍ରହ୍ମଗିରି ବାସୀ ଲୁଲୁଙ୍କ ବିକଳ୍ପ ପାଇପାରିବେ ବୋଲି ଆଶା କରିଛନ୍ତି । ଏବେ ଘନ ଘନ ଗସ୍ତ କରୁଥିବା ଶଙ୍ଖୁଆ ନେତା ପ୍ରତି ଗ୍ରାମର ୧୦ପ୍ରତିଶତ ଲୋକଙ୍କୁ ହାତକରି ଫଟୋ ଉଠାଇ ବାହା ବାହା ନେଉଛନ୍ତି । ଏବେବି ଜନତାଙ୍କ ମନରେ ଚିଟଫଣ୍ଡ କେଲେଙ୍କାରୀ ଓ ପାଜେରୋ ଗାଡି ରହସ୍ୟ ଉଙ୍କି ମାରୁଛି । ପୁରୀ-ସାତପଡା ରାସ୍ତା ୬ଥାକିଆ ହୋଇପାରିନାହିଁ । ବାଳିହରଚଣ୍ଡୀ ପୀଠର ଉନ୍ନତିକରଣ ଅଧାରେ ଅଟକିଛି । ଉପକୂଳ ଜାତୀୟ ରାଜପଥକୁ ନେତା ବିରୋଧ କରିବାରୁ ତାହା ମଧ୍ୟ ଅଟକି ରହିଛି । ଚିଲିକାରେ ୫ ଥର ଭସାପୋଲ ଚାଲି ଖରାପ ହେଉଛି । ଥରକୁ ଥର ନୂଆ ଭେସେଲ ଚାଲିବା ସହ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ କରାଯାଉଛି । ବ୍ରହ୍ମଗିରି ଅ□ଳର ରେବେଣା ନୂଆଗାଁ, ହଳଦିଆ, ବିଜିପୁର, କୁଶୁବେଂଟି, ମଣପଡା, ରାୟବିଧାର, ଗଡକୋକଲ, ବଡବେଣାକୁଦି ଆଦି ଅ□ଳର ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଚାଷୀ ଡାଲୁଅ ଧାନ ଚାଷ କରିପାରୁନାହାଁନ୍ତି । ଖରାଦିନ ପାଇଁ କେନାଲରେ ପାଣି ରହୁନାହିଁ । ବିଗତ ୧୦ବର୍ଷ ଧରି ଚାଷୀ କେବଳ ନେତାଙ୍କ ଅଭିନୟ ନାଟକ ବାଜି ଦେଖି ଅସନ୍ତୁଷ୍ଟ ହେଲେଣି । କପିଳେଶ୍ୱରପୁର ପଥରପଦା ନିକଟରେ ବ୍ରିଜ ନଥିବାରୁ ସ୍କୁଲ ଛାତ୍ରଛାତ୍ରୀମାନେ ନଦୀ ପାଣିରେ ପଶି ଯିବାଆସିବା କରୁଛନ୍ତି । ବ୍ରହ୍ମଗିରିରେ ସ୍ଥାୟୀ ତହସିଲ ଗୃହ ଓ କୋର୍ଟ ନିର୍ମାଣ ହୋଇପାରିନାହିଁ । ବ୍ରହ୍ମଗିରିକୁ ଏନଏସି ଘୋଷଣା କରାଯାଇନାହିଁ । ବ୍ରହ୍ମଗିରି ବଜାରର ଉନ୍ନତିକରଣ ଗତ ୧୦ବର୍ଷ ଭିତରେ ପଛୁଆ ରହିଛି । ଅଲାରନାଥ ମନ୍ଦିରର ଭୂସମ୍ପତି ସୁରକ୍ଷା ହୋଇନାହିଁ । ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଓ ରହିବା ବ୍ୟବସ୍ଥା ହୋଇପାରିନାହିଁ । ବ୍ରହ୍ମଗିରି ବଜାରରେ ଜୈନିକ ବରିଷ୍ଠ ରାଜନୈତିକ ବିଷାରଦ ବ୍ୟକ୍ତି କହିଲେ ଆସନ୍ତା ପଚାଂୟତ ନିର୍ବାଚନରେ ପ୍ରତି ପଚାଂୟତରୁ ଶଙ୍ଖଦଳ ପକ୍ଷରୁ ୭ରୁ ଉର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ରହିଛନ୍ତି । ଜଣେ ଟିକେଟ ପାଇଲେ ଶଙ୍ଖ ସାତଫାଳ ହୋଇଯିବାର ସମ୍ଭାବନା ରହିଛି ।ବ୍ଲକ ଚେୟାରମ୍ୟାନ ପଦବୀ ପାଇଁ ଅନେକ ଆଶାୟୀ ରହିଛନ୍ତି । ଯଦି ଏହିସବୁ ସମସ୍ୟାର ସମାଧାନ ନହୁଏ ତେବେ ପ୍ରତି ପଚାଂୟତରେ ପଦ୍ମ ଫୁଲ ଫୁଟିବାର ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

**ଭୁବନେଶ୍ୱର:** ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୮୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୨୬,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

**ଭୁବନେଶ୍ୱର:** କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୭୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୦୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ୧୫ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ବାରିପଦା: ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଓ ରେଞ୍ଜ ଅଧୀନ ନିଶ୍ଚିନ୍ତା ଗ୍ରାମର ଅଶୋକ ମହାପାତ୍ରଙ୍କ ଘରର ବେଡ଼ ରୁମ ଭିତରେ ଆଜି ସକାଳ ସମୟରେ ଏକ ବିରାଟକାୟ ସାପ ଲୁଚିଥିବାର ପରିବାରର ଲୋକେ ଦେଖି ବାଙ୍ଗିରିପୋଷି ରେଞ୍ଜକୁ ଖବର ଦେଇଥିଲେ । ଖବରପାଇ ରେଞ୍ଜ ଅଧିକାରୀ , ଫରେଷ୍ଟ ଗାର୍ଡ଼ ସ୍ନେକ ହେଲପ୍ ଲାଇନର ଅଭିଜ୍ଞ ସାପଧରାଳୀ କ୍ରୀଷ୍ଣା ଗୋଛାୟତ ଓ ତପନ ଗୋଛାୟତଙ୍କୁ ସାଥୀରେ ଧରି ପୂର୍ବାହ୍ନ ପ୍ରାୟ ସାଢ଼େ ୭ ସମୟରେ ଅଶୋକ ମହାପାତ୍ରଙ୍କ ଘରେ ପହଂଚି ଅତି ସତର୍କତାର ସହିତ ସାପଟିକୁ ଉଦ୍ଧାର କରିଥିଲେ । ଉଦ୍ଧାର କରାଯାଇଥିବା ସାପଟି ଅହିରାଜ ବୋଲି ଜଣାପଡ଼ିଥିବା ବେଳେ ସାପଟିର ଲମ୍ବ ୧୫ ଫୁଟ ହୋଇଥିଲା । ପରେ ଉକ୍ତ ଅହିରାଜ ସାପଟିକୁ ବାଙ୍ଗିରିପୋଷି ଘାଟି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା ।

# ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରିନଥିଲେ ।

## ବର୍ଷା ଜଳ ନିଷ୍କାସନ ନେଇ ଗଣ୍ଡଗୋଳ ଘଟଣାରେ ଜଣେ ଯୁବକ ଚିକିତ୍ସାଧିନ ଅବସ୍ଥାରେ ମୃତ

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତି ପୂରଣ ଦାବିରେ ଫାଣ୍ଡି ଆଗରେ ଶବ ରଖି ଧାରଣା

ଧର୍ମଶାଳା: ଗୁରୁବାର ଦିନ ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତର ୧୨ ନଂ ୱାର୍ଡରେ ବର୍ଷା ଜଳ ନିଷ୍କାସନ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ସୃଷ୍ଟି ହୋଇ ୬ ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଏହି ୧୨ ନଂ ୱାର୍ଡର ଗଣେଶ୍ୱର ସେଠୀଙ୍କ ପୁଅ ଅମର(୩୬) ବୋଲି ଜଣାପଡିଛି । ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତରିତ କରାଯାଇଥିଲା । ଆଜି ଅପରାହ୍ନରେ ତାଙ୍କ ଶବ ବ୍ରହ୍ମବରଦାରେ ପଂହଚିବା ପରେ ପରିବାର ଲୋକଙ୍କ ସହ ଏହି ୱାର୍ଡର ଶତାଧିକ ମହିଳା ଓ ପୁରୁଷମାନେ ବ୍ରହ୍ମବରଦା ଫାଣ୍ଡି ଆଗରେ ଶବ ରଖି ଧାରଣାରେ ବସିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ବିଧବା ପରିବାରକୁ କ୍ଷତି ପୂରଣ ନିମନ୍ତେ ଦାବି କରିଥିଲେ । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଘଟଣାସ୍ଥଳରେ ପଂହଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟାନୁଷ୍ଠାନ ନେବା ସହ ସରକାରୀ ନିୟମ ଅନୁଯାୟୀ ସହାୟତା ନେଇ ଆଲୋଚନା କରିବା ପରେ ଧାରଣାକାରୀ ଧାରଣାରୁ ଉଠିଥିଲେ । ଏବଂ ସନ୍ଧ୍ୟାରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିବା ଜଣାପଡିଛି । ମୃତ ଅମରଙ୍କର ୨ ପୁଅ ଥିବା ଜଣାପଡିଛି । ମୃତ ଅମର ରାଜମନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ । ପୂର୍ବରୁ ଏହି ଘଟଣାରେ ଧର୍ମଶାଳା ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇ ମୋଟ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ସୂଚନା ଥାଉକି ଗୁରୁବାର ଦିନ ସକାଳେ କାଳବୈଶାଖୀର ପ୍ରଭାବରେ ବର୍ଷା ହୋଇଥିଲା । ଫଳରେ ଏହି ୱାର୍ଡର କାଳନ୍ଦୀ ସେଠୀଙ୍କ ଛାତ ଉପରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସିତ ସମୟରେ ଏହି ୱାର୍ଡର ହାଡିବନ୍ଧୁ ସେଠୀଙ୍କ ଘର ଦେଇ ପାଣି ଯାଉଥିଲା । ଯାହାକୁ ନେଇ ହାଡିବନ୍ଧୁଙ୍କ ପରିବାର ବିରୋଧ କରିଥିଲେ । ଏବଂ ଏହି ଘଟଣାକୁ ନେଇ ହାଡିବନ୍ଧୁଙ୍କ ପରିବାର ବ୍ରହ୍ମବରଦା ଅଂଚଳର ଭଦ୍ରଲୋକଙ୍କ ସହ ଆଲୋଚନା କରିଥିଲେ । ଭଦ୍ରଲୋକ ଏହି ସ୍ଥାନରେ ପଂହଚି ଘଟଣାର ତଦନ୍ତ କରିଥିଲେ । ଭଦ୍ରଲୋକଙ୍କ ସହ ଆଲୋଚନା ସମୟରେ କାଳନ୍ଦୀ ସେଠୀଙ୍କ ପରିବାର ଅମର,ଜଳଧର,ବଳରାମ ଓ ରାଜକୁମାର ପ୍ରମୁଖ ପ୍ରମୁଖ ଏହି ଘଟଣାକୁ ବିରୋଧ କରିବା ସହ ଟେକା ପଥର ଓ ଫାର୍ସାରେ ଆକ୍ରମଣ କରିଥିଲେ । ଫଳରେ ହାଡିବନ୍ଧୁଙ୍କ ପରିବାରର ରମା ଓ ରମାଙ୍କ ପତ୍ନୀ ସୁମିତ୍ରା,ସୁରେନ୍ଦ୍ରସୁବାଶ,ନବ,ସନ୍ତୋଷ ଓ ପ୍ରକାଶ ଗୁରୁତର ଆହତ ହୋଇଥିଲେ । ସମସ୍ତେ ନିଜ ଜୀବନ ରକ୍ଷା ନିମନ୍ତେ ପାଲଟା ଟେକା ପଥର ମାଡ କରିଥିଲେ । ଏହି ଘଟଣାରେ ଉଭୟ ପକ୍ଷରୁ ମୋଟ ୬ ଜଣ ଗୁରୁତର ଆହତ ହୋଇଥିଲେ

# କମ୍ପ୍ୟୁଟର ପ୍ରଶିକ୍ଷକ ଜ୍ୟୋତିର୍ମୟ ଖାଡଙ୍ଗାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କୋଭିଡର ଦ୍ୱିତୀୟ ଲହରୀରେ ୨୫ ଜଣରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଏହି ସୂଚନା ବିଭିନ୍ନ ଅଂଚଳରୁ ବିଶ୍ୱସ୍ଥ ସୂତ୍ରରୁ ଜଣାପଡିଛି । ତେବେ ଏହି ସୂଚନାକୁ ନିୟମିତ ଭାବରେ କୋଭିଡ ସଂକ୍ରମିତ ଏବଂ ସୁସ୍ଥ ହୋଇ ଘରକୁ ଫେରୁଥିବା ରୋଗୀଙ୍କ ସଂଖ୍ୟାର ସୂଚନା ସମେତ ଗଣମାଧ୍ୟମକୁ କିମ୍ବା ସାଧାରଣରେ ପ୍ରକାଶ କରାଯାଉନାହିଁ । ପୁର୍ବରୁ ଜିଲ୍ଲାର ବାଲିଗୁଡା,କ.ନୁଆଗାଁ,ଦାରିଙ୍ଗବାଡି ଭଳି ଅନେକ ଯାଗାରେ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଏହି ସୂଚନାକୁ ମଧ୍ୟ ଲୋକଲୋଚନକୁ ଅଣାଯାଉନାହିଁ । ସେହିପରି ଗତ ୨୫ ତାରିଖରେ ଫୁଲବାଣୀ ବସଷ୍ଟାଣ୍ଡ ନିକଟରେ ରହୁଥିବା ଜ୍ୟୋତିର୍ମୟ ଖାଡଙ୍ଗା ନାମକ ଫୁଲବାଣୀ ବିପିଆଇଟି ରେ କାର୍ଯ୍ୟରତ ଥିବା ଜଣେ କମ୍ପ୍ୟୁଟର ପ୍ରଶିକ୍ଷକ କୋଭିଡ ସଂକ୍ରମିତ ହୋଇ ଫୁଲବାଣୀ କୋଭିଡ ହସପିଟାଲରେ ଭର୍ତି ହୋଇ ଚିକିତ୍ସିତ ହେଉଥିଲେ । ଗତ କିଛି ଦିନ ହେଲା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିଲା । ତେଣୁ ତାଙ୍କୁ ଶନିବାର ଅପରାହ୍ନ ୩ଟା ବେଳେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଆଜି ସକାଳେ ଦେହାନ୍ତ ହୋଇଥିବା ନେଇ ତାଙ୍କ ପରିବାର ଲୋକଙ୍କଠାରୁ ଜଣାପଡିଛି ତାଙ୍କୁ ୪୬ ବର୍ଷ ବୟଷ ହୋଇଥିଲା । ତାଙ୍କର ଗୋଟିଏ ୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ଅଛନ୍ତି । ଜ୍ୟୋତିର୍ମୟ ଜଣେ ଶାନ୍ତ ସ୍ୱଭାବର ସରଳ ଓ ଧର୍ମ ପରାୟଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଜଣେ ଉତମ କମ୍ପ୍ୟୁଟର ପ୍ରଶିକ୍ଷକ ଭାବରେ ତାଙ୍କର ଫୁଲବାଣୀରେ ଖ୍ୟାତି ଥିଲା । ତାଙ୍କର ଦେହାନ୍ତରେ ତାଙ୍କ ପରିବାର ବର୍ଗଙ୍କ ସମେତ ସହକର୍ମୀ,ଛାତ୍ରଛାତ୍ରୀ ଏବଂ ବନ୍ଧୁବର୍ଗଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି । ଆଜି ଅପରାହ୍ନରେ ଭୁବନେଶ୍ୱରଠାରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପର୍ଣ୍ଣ ହୋଇଥିବା ଜଣାପଡିଛି ।

# ଅମ୍ଳଜାନ ଯୋଗାଣକୁ ନେଇ ବିଜେଡି - ବିଜେପି ମୁହାଁମୁହିଁ

## ରାଜ୍ୟ ସରକାର କେଉଁଠୁ ଅକ୍ସିଜେନ ପାଇଲେ ?: ବିଜେପି

## ଓଡିଶାର ପ୍ରଶଂସାରେ ବିଜେପି ଅସହିଷ୍ଣୁ: ବିଜେଡି

ଭୁବନେଶ୍ୱର: ଅକ୍ସିଜେନ ଉତ୍ପାଦନ ଲାଗି ରାଜ୍ୟ ସରକାରଙ୍କ କୌଣସି କାରଖାନା ବା ପ୍ଲାଂଟ ନାହିଁ । ତାହାହେଲେ ରାଜ୍ୟ ସରକାର କେଉଁଠୁ ଅକ୍ସିଜେନ ପାଇଲେ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ପ୍ରକୃତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନୁହେଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅକ୍ସିଜେନ୍ ଯୋଗାଣହେଉଛି ବୋଲି ସେ କହିଛନ୍ତି । ଅପରପକ୍ଷରେ ଓଡିଶାର ପ୍ରଶଂସାରେ ଅସହିଷ୍ଣୁ ହୋଇ ବିଜେପି ଏଭଳି ମନ୍ତବ୍ୟ ଦେଉଛି ବୋଲି ଜବାବ୍ ଦେଇଛି ବିଜେଡି ।

ବର୍ତମାନ ସାରା ଦେଶରେ ଅମ୍ଳଜାନ ଅଭାବକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅମ୍ଳଜାନ ଆବଶ୍ୟକ କରୁଥିବା ରାଜ୍ୟ ଗୁଡିକୁ ଓଡିଶା ଅମ୍ଳଜାନ ଯୋଗାଉଛି । ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡି-ବିଜେପି ।

ସୋମବାର ଦିନ ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି ଯେ ଅକ୍ସିଜେନ ଉତ୍ପାଦନ ଲାଗି ରାଜ୍ୟ ସରକାରଙ୍କ କୌଣସି କାରଖାନା ବା ପ୍ଲାଂଟ ନାହିଁ । ତାହାହେଲେ ରାଜ୍ୟ ସରକାର କେଉଁଠୁ ଅକ୍ସିଜେନ ପାଇଲେ ? ଯଦି କିଣିଲେ, ତାହାହେଲେ କେଉଁଠୁ କେତେ ପଇସାରେ କିଣିଲେ ଅକ୍ସିଜେନ ? ତାହା ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ । ସାଧାରଣତଃ କେନ୍ଦ୍ର ଓ ବିଭିନ୍ନ ଘରୋଇ ଇସ୍ପାତ କାରଖାନାରୁ ଉତ୍ପାଦିତ ହୋଇଥାଏ ଅକ୍ସିଜେନ । ଅସଲ କଥା ହେଲେ ଓଡ଼ିଶା ସରକାର କାହାରିକୁ ଅକ୍ସିଜେନ୍ ଦେଉନାହାନ୍ତି । ଅକ୍ସିଜେନ୍ ଅଭାବ ପୂରଣ କରିବା ପାଇଁ ୪ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳ୍ପ ସଂସ୍ଥା ଗୁଡ଼ିକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଶିଳ୍ପ ସଂସ୍ଥାଅକ୍ସିଜେନ ଯୋଗାଉଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟବସ୍ଥା ହୋଇଛି । ଅକ୍ସିଜେନ ଯୋଗାଣ ନିୟନ୍ତ୍ରଣ ପିଏମଓରୁ ହେଉଛି , ସିଏମଓରୁ ନୁହେଁ । ରାଜ୍ୟ ସରକାରଙ୍କ ଦାୟିତ୍ୱ କେବଳ ଅକ୍ସିଜେନ୍‌କୁ ସୀମାନ୍ତରେ ପହଂଚାଇବା ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଜବାବ୍ ଦେଇ ପ୍ରବକ୍ତା ସୁଶ୍ରୀ ଇପ୍‌ସିତା ସାହୁ କହିଛନ୍ତି ସାରା ଭାରତବର୍ଷକୁ ତରଳ ମେଡିକାଲ ଅକ୍ସିଜେନ ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରୁଥିବା ଓଡିଶାକୁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ରାଜ୍ୟ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ତାହାକୁ ସହ୍ୟ କରିପାରୁ ନାହାନ୍ତି । ଓଡିଶାର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ବଦଳରେ ସେ ଅଭ୍ୟାସଗତ ଭାବେ ବିଭ୍ରାନ୍ତିକର ଓ ନିମ୍ନମାନର ମନ୍ତବ୍ୟ ଦେବା ସହିତ ଅସହିଷ୍ଣୁ ମନୋଭାବ ଦେଖାଉଛନ୍ତି । ରାଜ୍ୟର ଏଭଳି ସହଯୋଗ ପାଇଁ ସେହିସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଓଡିଶାକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି । ତେବେ ଏଭଳି ପ୍ରଶଂସାକୁ ଏବେ ରାଜ୍ୟ ବିଜେପି ହଜମ କରିପାରୁ ନାହିଁ ।

## ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

# କୋଭିଡ୍ ପରିସ୍ଥିତିରେ ବିଏମସି କମିଶନରଙ୍କୁ ରାଜଧାନୀବାସୀଙ୍କ ସମସ୍ୟା ଜଣାଇଲେ

ଭୁବନେଶ୍ୱର: ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତ୍ରୁଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି । ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କୋଭିଡ୍ ରୋଗୀଙ୍କ ସଂପର୍କରେ ପରିବାର ସଦସ୍ୟଙ୍କୁ ନିୟମିତ ଭାବେ ସ୍ୱାସ୍ଥ୍ୟ ସଂପର୍କରେ ଅବଗତ କରାଯାଉ । ଏକ ୨୪ ଘଂଟିଆ ଟୋଲ ଫ୍ରି ନମ୍ବର କାର୍ଯ୍ୟକ୍ଷମ କରାଯାଉ । ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ 'ଡୋର ଟୁ ଡୋର' ସ୍ୱାସ୍ଥ୍ୟ ଯାଂଚ ତୁରନ୍ତ ଆରମ୍ଭ କରାଯାଉ । ସେହିପରି ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଭୁବନେଶ୍ୱରର ସମସ୍ତ ଅଂଚଳରେ ଥର୍ମାଲ ସ୍କ୍ରିନିଂ, ଅକ୍ସିଜେନ ମାତ୍ରା ଆଦି ଯାଂଚ କରିବା ସହ ସଚେତନତା ଅଭିଯାନକୁ ଆହୁରି ଅଧିକ ଦ୍ରୁତ ଗତିରେ କରିବାକୁ ଶ୍ରୀ ସିଂ ଦାବୀ କରିଛନ୍ତି ।

ଏହି ଟିମ୍ ରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

**ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ କରାଯାଉ**

# ବିଜେଡି ଗାର୍ଲସ୍ ୱିଙ୍ଗର ଡିଜିଟାଲ ସମ୍ପାଦକଙ୍କ ନାମ ଘୋଷଣା

ଧର୍ମଶାଳା:ଯାଜପୁର ଜିଲା ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡି ଗାର୍ଲସ ୱିଙ୍ଗ୍‌ର ପଂଚାୟତ ସ୍ତରୀୟ ଡିଜିଟାଲ୍ ସଂପାଦକଙ୍କ ନାମ ଘୋଷଣା କରାଯାଇଛି । ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନକ୍ରମେ ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଳିକ ୫୪ ପଂଚାୟତର ଡିଜିଟାଲ୍ ସଂପାଦକଙ୍କ ନାମ ଘୋଷଣା କରିଥିଲେ । ଏଣ୍ଡଲବା ପଂଚାୟତର ଡିଜିଟାଲ୍ ସଂପାଦକ ଭାବେ ସ୍ମରଣିକା ନାୟକ, ରେଖିଦେଇପୁର ସୀମା ପରିଡା, ରାଇଛନ୍ଦା ବନିତା ମଳିକ, ଚକ୍ରଧରପୁର ସୁପ୍ରିୟା ବଳ, ତାଳଜଙ୍ଗ ଅନିଶା ପଟ୍ଟନାୟକ, ଅଂଜିରା ରୀତାଞ୍ଜଳି ମଳିକ, ମଧୁସୂଦନପୁର ଉଷାରାଣୀ ନାୟକ, କବାଟବନ୍ଧ ସୁଶ୍ରୀ ଶୁଭଦର୍ଶନୀ ଦାସ, ମର୍ଜିତାପୁର ଟିକି ବିଶ୍ୱାଳ, ବୃନ୍ଦାଦେଇପୁର ସସ୍ମିତା ଶତପଥୀ, ଜେନାପୁର ଦୀପିକା ସାମଲ, କମାଗଡ ବିଜୟଲକ୍ଷ୍ମୀ ସାହୁ, ମଧୁପୁରଗଡ ମୋନାଲିସା ଦାସ, ମହିସରା ରୀତା ସାହୁ, ପୁରୁଣା ବଉଳମାଳ ସୁଶ୍ରୀ ପରିଡା, ସାହାଣୀଡିହ ମୀରା ପ୍ରଧାନ, ସଂପାରୁ ଶୁଭଙ୍କରୀ ରାଉତ, ଅଂଟିଆ ସରସ୍ୱତୀ ରାଉତ, ତରଜିଂଆ ଶ୍ୱେତାପଦ୍ମା ଜେନା, ଆରୁହା ଜ୍ୟୋର୍ତିମୟୀ ବେହେରା, ପାଖର ଇତିଶ୍ରୀ ଖିଲାର, ଥାନୁଆଳ ଜ୍ୟୋର୍ତିମୟୀ ପରିଡା, ଗଙ୍ଗାଧରପୁର ସ୍ୱର୍ଣ୍ଣଲତା ଗୁଇଁ, କୁମାରୀର ସସ୍ମିତା ସ୍ୱାଇଁ, ହରିଦାସପୁର ସୁନିତା ରାଉତ, ନେଉଳପୁର ହାଜରା ବେଗମ୍, କ୍ଷେତ୍ରପାଳ ନିରୂପମା ଜେନା, କଂଟିଗଡିଆ ଲିପ୍‌ସା ମହାନ୍ତି, ଜାରକା ଲିପା ଦାସ, ଚୋରମୁହାଁ ନାଜିଆ ନାସିଦ୍, ଚହଟା ପ୍ରତିମା ସାହୁ, ଅଭୟପୁର ବର୍ଷା ପ୍ରଧାନ, ଭବାନୀପୁର ସୁଜାତା ମଳିକ, ବଡକାଏମା ଶ୍ରଦ୍ଧାଞ୍ଜଳି ଓଝା, ମିର୍ଜାପୁର ସୋନାଲି ବେହେରା, ପାଟପୁର ପୂଜାରାଣୀ ସାହୁ, ସୁନ୍ଦୁରିଆ ସସ୍ମିତା ଦାସ, ଉତରପ୍ରତାପ ସୀତା ମଳିକ, ଦେଓଦା ମାନସୀ ମଳିକ, ମଙ୍ଗଳପୁର ଅନୁପମା ଦାସ, ଅରାବଳ ମାଳତୀ ନାୟକ, କୋଟପୁର ଲିପ୍‌ସା ଜେନା, କଦମପାଳ ଗୀତାଞ୍ଜଳି ମହାନ୍ତି, ଅରେଇକଣା ରସ୍ମିତା ଜେନା, ପଟୁଣିଆ ରୋଜାଲିନ୍ ରାଉତ, ରସୁଲପୁର ପ୍ରିୟଙ୍କା ପଣ୍ଡା, ଓଡିଶୋ ସୁନନ୍ଦା ମଳିକ, ବାରବାଟୀ ଆଶାବତୀ ଲେଙ୍କା, ଜାବରା ସୁନିତା ବେହେରା, ଶ୍ରୀବନ୍ତପୁର କୁନିତା ବାରିକ, କଳଣ ଲିଜାରାଣୀ ରାଉତ, ନଠୁଆବର ସୌଭାଗ୍ୟବତୀ ବରାଳ, ସିଂହାପୁର ସଂଗୀତା ନାୟକ ଓ ରାହାମ୍ବା ପଂଚାୟତର ଡିଜିଟାଲ୍ ସଂପାଦକ ଭାବେ ପ୍ରତୀକ୍ଷା ଦାସଙ୍କ ନାମ ଘୋଷଣା କରାଯାଇଥିଲା । ନିର୍ବାଚନ ମଣ୍ଡଳୀ ଡିଜିଟାଲ୍ ସଂପାଦକ ପ୍ରିୟଙ୍କା ପ୍ରିୟଦର୍ଶନୀ ରାୟ, ବ୍ଲକ୍ ଡିଜିଟାଲ ସଂପାଦକ ବୈଜୟନ୍ତୀମାଳା ଭୂତିଆ, ଉପସଭାନେ୍ତୀ ମଧୁସ୍ମିତା ମହାନ୍ତି, ସାଧାରଣ ସଂପାଦିକା ସାହିନା ଖାତୁନ୍, ଜୋନ୍ ସଭାନେତ୍ରୀ ଲିସାରାଣୀ ମହାନ୍ତି ଓ ନବ ନିଯୁକ୍ତ ଡିଜିଟାଲ ସଂପାଦକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କରୋନା ମହାମାରି ସମୟରେ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟକୁ ସଚେତନ କରାଇବା ଓ ସରକାରଙ୍କ କୋଭିଡ-୧୯ ନିୟମକୁ ମାନି ଚଳିବାପାଇଁ ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ ଗୁରୁତ୍ୱାରୋପ କରିଥିଲେ । ପ୍ରିୟଙ୍କା ପ୍ରିୟଦର୍ଶନୀ ରାୟ ଧନ୍ୟବାଦ ଦେଇଥିଲେ ।

### ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦୃଷ୍ଟିହୀନମାନଙ୍କୁ ଖାଦ୍ୟ ପ୍ରଦାନ

ଧର୍ମଶାଳା:କେରାନ୍ନା ସଂକ୍ରମଣରେ ରୋକ ଲାଗୁ ନାହିଁ । ଫଳରେ ଲକ ଡାଉନ ସହ ସପ୍ତାହନ୍ତ ସଟ ଡାଉନ ଜାରି ରହିଛି । ଯାହାକୁ ନେଇ ଦୃଷ୍ଟିହୀନ ବ୍ୟକ୍ତମାନଙ୍କ ଉପରେ ପ୍ରଭାବ ପଡିଛି । ଏହି ସମୟରେ ସେମାନଙ୍କ ଖାଦ୍ୟ ପେୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କ ସହଯୋଗର ହାତ ବଢାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ । ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂଟିଆକଣ ବିଦ୍ୟାଳୟରେ ୨୬ ଜଣ ଦୃଷ୍ଟିହୀନ ବ୍ୟକ୍ତି ଲକ ଡାଉନ ସମୟରେ ଆଶ୍ରୟ ନେଇଛନ୍ତି । ସେମାନଙ୍କ ଖାଦ୍ୟ ପେୟରେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କୁ ସହଯୋଗର ହାତବଢାଇଛନ୍ତି ଧର୍ମଶାଳା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ସୂଚନା ମୁତାବକ ଏହି ଦୃଷ୍ଟିହୀନ ବ୍ୟକ୍ତିମାନେ ଭୁବନେଶ୍ୱରସ୍ଥିତ ଶିଶୁପାଳଗଡରେ ଗୋ ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ ନାମକ ଏକ ସଂସ୍ଥାରେ ଏକତ୍ର ହୋଇ ରହିଆସୁଥିଲେ। ସେଠାରେ ଫିନାଇଏ.ଧୂପକାଠି,ଖଲିପତ୍ର ଆଦି ବିଭିନ୍ନ ସାମଗ୍ରୀ ତିଆରି କରିବା ବିକ୍ରୀ କରି ନିଜ ନିଜର ପରିବାର ପ୍ରତିପୋଷଣ କରୁଥିଲେ । ଗତ ବର୍ଷ ସେଠାରେ ବିଭିନ୍ନ ସମସ୍ୟା ଦେଖାଦେବାରୁ ସେମାନେ ଯାଜପୁର ଜିଲା ଚଣ୍ଡିଖୋଲ ଅଂଚଳକୁ ଚାଲିଆସିଥିଲେ । ସେଠାରେ ଘରେ ରହିବା ସମସ୍ୟା ଦେଖାଦେବାରୁ ସେମାନେ ଯାବରାସ୍ଥିତ କଂଟିଆବଣ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି । ତେବେ ସେମାନଙ୍କ ଖବର ପାଇ ଅଂଶୁମାନ ଟ୍ରଷ୍ଟ ସହଯୋଗର ହାତ ବଢାଇଛି ।




# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୧୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର: ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୧୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୧୮୦ ହୋଇ ଯାଇଛି। ଗତକାଲି କରୋନାରେ ରାଜ୍ୟରେ ୨୧ ଜଣଙ୍କ ଜୀବନ ଯାଇଥିଲା।

ଅନୁଗୁଳ ଜିଲ୍ଲାର ଜଣେ ୪୭ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପ ରେ ପୀଡିତ ଥିଲେ। ବଲାଙ୍ଗୀର ଜିଲ୍ଲାର ଜଣେ ୬୧ ବର୍ଷୀୟ କରୋନା ସଂକ୍ରମିତଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ।

ଢେଙ୍କାନାଳ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ୬୫ ବର୍ଷୀୟା କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ, ଯାଜପୁର ଜିଲ୍ଲାର ଜଣେ ୩୦ ବର୍ଷୀୟ ପୁରଷ. ଝାରସୁଗୁଡା ଜିଲ୍ଲାର ଜଣେ ୫୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି।

ଖୋର୍ଦ୍ଧା ଜିଲ୍ଲାର ଜଣେ ୫୬ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ଜିଲ୍ଲାର ଅନ୍ୟ ଜଣେ ୭୧ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କଳାହାଣ୍ଡି ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ. ଜଣେ ୩୫ ଓ ଅନ୍ୟ ଜଣେ ୪୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ପୁରୀ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ରାୟଗଡା ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସୁବର୍ଣପୁର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନ୍ଦରଗଡ ଜିଲ୍ଲାର ଜଣେ ୨୮ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

# କରୋନାରୁ ସୁସ୍ଥ ହେଲେ ୮୫୪୧

ଭୁବନେଶ୍ୱର: ଆଜି ରାଜ୍ୟରୁ ୮୫୪୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୪୪୭୮୬୩କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୩୮୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରୁ ୭୪୫ ଓ କଟକ ଜିଲ୍ଲାରୁ ୫୮୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାଯାଇଛି। ପୁରୀ ଜିଲ୍ଲାରୁ ଆଜି ୫୩୦ ଜଣ, ଝାରସୁଗୁଡ଼ାରୁ ୪୩୯, ବରଗଡ଼ରୁ ୪୩୮, ସମ୍ବଲପୁରରୁ ୪୧୪, ନବରଂଗପୁରରୁ ୩୯୯, ଅନୁଗୁଳରୁ ୩୪୮, ଯାଜପୁରରୁ ୩୩୪, ନୂଆପଡ଼ାରୁ ୨୬୬, ମୟୂରଭଂଜରୁ ୨୪୭ ଓ ଗଂଜାମରୁ ୨୨୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

ସେହିପରି କଳାହାଣ୍ଡି ଜିଲ୍ଲାରୁ ୧୯୩, ନୟାଗଡ଼ରୁ ୧୮୯, କେନ୍ଦୁଝରରୁ ୧୬୧, ବଲାଙ୍ଗୀରରୁ ୧୫୯, ରାୟଗଡ଼ାରୁ ୧୫୬, ବାଲେଶ୍ୱରରୁ ୧୫୪, ଜଗତସିଂହପୁରରୁ ୧୩୦, ଗଜପତିରୁ ୧୨୦, ସୁବର୍ଣ୍ଣପୁରରୁ ୧୦୩ ଜଣ, ଦେବଗଡ଼ରୁ ୯୭, ଭଦ୍ରକରୁ ୯୦, କୋରାପୁଟରୁ ୮୮, ବୌଦ୍ଧରୁ ୭୨, କେନ୍ଦ୍ରାପଡ଼ାରୁ ୭୦, କନ୍ଧମାଳ, ମାଲକାନଗିରିରୁ ୫୧ ଜଣ ଲେଖାଏଁ, ଢେଙ୍କାନାଳରୁ ୩୨ ଓ ରାଜ୍ୟପୁଲରୁ ୨୭୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ରର ଅନୁରୋଧ ରଖିଲେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ

## ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାରେ ପ୍ରତିଷ୍ଠା ହେବ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶାର ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାରେ ଦୁଇଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ପ୍ରତିଷ୍ଠା କରିବା ପାଇଁ ମହାନଦୀ କୋଲ ଫିଲ୍ଡ(ଏମସିଏଲ୍) ବୋର୍ଡ ଅନୁମୋଦନ ଦେଇଥିବାରୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ସୁନ୍ଦରଗଡ ଲୋକସଭା ସାଂସଦ ଜୁଏଲ ଓରାମ, ବରଗଡ ସାଂସଦ ସୁରେଶ ପୂଜାରୀ, ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ପତ୍ର ଆଧାରରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ପତ୍ର ଲେଖି ଏମସିଏଲ୍ ଦ୍ୱାରା ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ଅନୁଗୁଳ ଜିଲ୍ଲାରେ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଥିଲେ। ଏହାଦ୍ୱାରା ଉକ୍ତ ଜିଲ୍ଲାର ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ସେ ପତ୍ରରେ ଉଲ୍ଲେଖ କରିଥିଲେ।

ଏହି ପତ୍ରର ପ୍ରତ୍ୟୁତରରେ ଶ୍ରୀ ଯୋଶୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପତ୍ର ଲେଖି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାର ବସୁନ୍ଧରାରେ ଗୋଟିଏ ଏବଂ ଅନୁଗୁଳ ଜିଲ୍ଲାର ଜଗନ୍ନାଥ ଏବଂ ସୁଭଦ୍ରା ଅଂଚଳରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଏମଏସିଏଲ ବୋର୍ଡ ଅନୁମୋଦନ ଦେଇଥିବା ସେ କହିଛନ୍ତି।

ପ୍ରାଥମିକ ଶିକ୍ଷା ସ୍ତରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତି ୨୦୨୦ରେ ମୁଖ୍ୟ ଏଜେଣ୍ଡା ରହିଛି। ଏହି ଖଣିଖାଦାନ ଅଂଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ସ୍ଥାନୀୟ ଲୋକଙ୍କର ଆକାଂକ୍ଷା ମଧ୍ୟ ପୂରଣ ହୋଇପାରିବ।

# ଡ଼କାୟତି ବେଳେ ବିଦେଶୀ ମାଉଜର ଓ ଜୀବନ୍ତ ଗୁଳି ଜବତ : ଜଣେ ଗିରଫ

କନ୍ଧମାଳ: ଫୁଲବାଣୀ ଏଫସିଆଇ ଛକଠାରେ ଶନିବାର ରାତିରେ ଦୁତିମେଣ୍ଡିରୁ ଆସୁଥିବା ଜଣେ ହୋମଗାର୍ଡଙ୍କୁ ମାଉଜର ଦେଖାଇ ଡକାୟତି କରିବାକୁ ଉଦ୍ୟମ କରୁଥିବାବେଳେ ଫୁଲବାଣୀ ଆଦର୍ଶ ଥାନା ପୋଲିସ ହାତରେ ଧରା ପଡିଛି ଜଣେ ଯୁବକ। ତେବେ ସୁଯୋଗ ପାଇ ତାର ଆଉ ଜଣେ ସହଯୋଗୀ ସେଠାରୁ ଫେରାର ହେବାରେ ସଫଳ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୯ଟା ବେଳେ ଦୁତିମେଣ୍ଡିର ଜଣେ ହୋମଗାର୍ଡ ବାଇକ୍ ଯୋଗେ ଫୁଲବାଣୀ ଆସୁଥିବା ବେଳେ ତାଙ୍କୁ ସ୍ଥାନୀୟ ଏଫସିଆଇ ଛକଠାରେ ଦୁଇଜଣ ଯୁବକ ମାଉଜର ଦେଖାଇ ଡ଼କାୟତି କରିବାକୁ ଉଦ୍ୟମ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଂଚି ସେମାନଙ୍କ ମଧ୍ୟରୁ ଜଣକୁ କାବୁ କରିଛନ୍ତି। ସେଠାରୁ ଅନ୍ୟ ଜଣେ ଖସି ପଳାଇବାରେ ସଫଳ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତ ଫୁଲବାଣୀ ଶଗଡିଆ ସାହିର କାହ୍ନୁଚରଣ ନାୟକ ବୋଲି ଜଣାପଡିଛି। ପୋଲିସ ତା ନିକଟରୁ ଗୋଟିଏ ବିଦେଶୀ ମାଉଜର, ୫ଟି ଜୀବନ୍ତ ଗୁଳି ଏବଂ ଗୋଟିଏ ମାଗାଜିନ ଜବତ କରିଛି। ଫୁଲବାଣୀ ଟାଉନ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ୭୦/୨୧ ରୁଜୁ କରିବା ସହିତ ଅଭିଯୁକ୍ତକୁ କୋର୍ଟଚାଲାଣ କରି ଘଟଣାର ତଦନ୍ତ କରୁଥିବା ସହିତ ଫେରାର୍ ଅଭିଯୁକ୍ତକୁ ମଧ ଖୋଜାଖୋଜି କରୁଥିବା ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ସେମାନେ ସେହି ଛକରେ ଯାଉଥିବା ଯାତ୍ରୀ ମାନଙ୍କୁ ଅଟକାଇ ମାଉଜର ଦେଖାଇ ଲୋକଙ୍କୁ ଲୁଟ କରୁଥିବା ପୋଲିସ ଜାଣିବାକୁ ପାଇଛି।

# ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଆହତ

ବାଲେଶ୍ୱର/ଭୁବନେଶ୍ୱର: କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ତାଙ୍କ ପିଏ , ପିଏସଓ ଓ ଡାଇଭର ଆହତ ହୋଇଛନ୍ତି। ସମସ୍ତଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତି କରାଯାଇଛି। ପରେ କେନ୍ଦ୍ରମନ୍ତ୍ରୀଙ୍କୁ ବାଲେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ ନୀଳଗିରି–ସେରଗଡ଼ ଓ ଉଦଳା ରାଜ୍ୟରାଜପଥ ପୋଡାଶୂଳ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଙ୍କ ଇନୋଭା ଗାଡି (ଓଡି୦୨ଇ୧୧୧୪)କୁ ଏକ ଟ୍ରାକ୍ଟର ମଲିଆଣି ଆଡୁ ଆସି ଧକ୍କା ଦେଇଥିଲା। ପାଇଲଟ ଗାଡି ନଥିବା ବେଳେ କେସିପୁର ପଂଚାୟତ ବଡ଼େଇପଲା ଗାଁକୁ ଜଣେ ପରିବାର କୁ କେନ୍ଦ୍ରମନ୍ତ୍ରୀ ସହାୟତା ପାଇଁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

# କେନ୍ଦୁଝର:ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ୫ ଟି ସଚିବ:ଏକ ଶହ ବିଦ୍ୟାଳୟ ସାମିଲ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ୫ ଟି ସଚିବ ଭି.କେ. ପାଣ୍ଡିଆନ୍। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୦୦ ଟି ଉଚ୍ଚ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଲୋକ ସେବା ଭବନରୁ ଭିଡିଓ କନଫରେନସିଂ ଜରିଆରେ ୫ ଟି ସଚିବ ଭି.କେ. ପାଣ୍ଡିଆନ୍ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଏହି କାର୍ଯ୍ୟକ୍ରମ ଉଚ୍ଚ ବିଦ୍ୟାଳୟମାନଙ୍କରେ ଉନ୍ନତମାନର ଶିକ୍ଷା ପ୍ରଦାନ ଓ ଶିକ୍ଷା ଗ୍ରହଣ ପରିବେଶ ସୃଷ୍ଟି କରି ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି କହିଥିଲେ। ଉଦ୍‌ବୋଧନ ଛଳରେ ୫ ଟି ସଚିବ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ବିଦ୍ୟାଳୟ ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ମାନସ ସନ୍ତାନ। ଶିକ୍ଷାର ବିକାଶ ହିଁ ସମାଜ ଓ ଦେଶର ବିକାଶ। ନୂଆ ଓଡିଶାର ପରିକଳ୍ପନାକୁ ସାକାର କରିବାକୁ ହେଲେ ଶିକ୍ଷାର ବିକାଶ ନିହାତି ଆବଶ୍ୟକ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ମହତ ସ୍ୱପ୍ନକୁ ସାକାର କରିବ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ୫ ଟି ସଚିବ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯେଉଁ କୌଶଳ ଅବଲମ୍ବନ କରିଛନ୍ତି ତାହାକୁ ମିଳିତ ଜାତିସଂଘ ଓ ବିଶ୍ୱ ପ୍ରଶଂସା କରୁଛି। ଏହାହିଁ ପ୍ରକୃତରେ ରୂପାନ୍ତରୀକରଣ। ୫ ଟି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା କ୍ଷେତ୍ରରେ ଠିକ୍ ଏହିପରି ରୂପାନ୍ତରୀକରଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଚାହାନ୍ତି ବୋଲି ୫ ଟି ସଚିବ ଶ୍ରୀ ପାଣ୍ଡିଆନ୍ କହିଥିଲେ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟମାନଙ୍କରେ ଅତ୍ୟାଧୁନିକ ସୁବିଧା ଯଥା- ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ରିଡିଂ ରୁମ୍, ବିଜ୍ଞାନଗାର, ଖେଳ ସାମଗ୍ରୀ, କ୍ରୀଡା ଭିତିଭୂମି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଉପଲବ୍ଧ କରାଯିବ। ଏହାଦ୍ୱାରା ବିଦ୍ୟାଳୟଗୁଡିକ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହୋଇପାରିବ। ଶିକ୍ଷକମାନଙ୍କ ତାଲିମ ଓ ଦକ୍ଷତା ବୃଦ୍ଧି ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଅଂଶବିଶେଷ ବୋଲି କହିଥିଲେ। ଏହି ଉପଲକ୍ଷେ ଜିଲ୍ଲା ଓ ବ୍ଲକ ସ୍ତରରେ ଭିଡିଓ କନଫରେନସିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଆଶିଷ ଠାକ୍‌ରେ ପ୍ରାରମ୍ଭରେ ୫ ଟି ସଚିବଙ୍କୁ ସ୍ୱାଗତ ସମ୍ଭାଷଣ କରି କେନ୍ଦୁଝର ଜିଲ୍ଲା ପାଇଁ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ କୃତଜ୍ଞତା ଜଣାଇଥିଲେ ଏବଂ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ‘ଭିଜନ ଡକ୍ୟୁମେଟଂ ’ ଉନ୍ମୋଚନ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ୫ ଟି ସଚିବ ଜିଲ୍ଲାସ୍ତରରେ ଯୋଗ ଦେଇଥିବା ଅଧିକାରୀ, ବ୍ଲକ ସ୍ତରରେ ଯୋଗ ଦେଇଥିବା ଅଧିକାରୀ, ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ, ପଚଂାୟତିରାଜ ଅନୁଷ୍ଠାନର ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା, ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତାଳାପ କରି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସେମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ ଏବଂ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାସ୍ତରରେ ଆୟୋଜିତ ଭିଡିଓ କନଫରେନସିଂ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଜୟଶ୍ରୀ ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ସାହୁ, ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସନ୍ନ ଲାୟକ ଉପସ୍ଥିତ ରହିଥିବାବେଳେ ବ୍ଲକସ୍ତରରେ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ସଂପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ / ଶିକ୍ଷୟିତ୍ରୀ, ପଚଂାୟତିରାଜ ଅନୁଷ୍ଠାନର ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଭାଗ ନେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରଲୋକ

## - କରୋନାରେ ଆକ୍ରାନ୍ତ ହୋଇ ଏମସ୍ ରେ ଚିକିତ୍ସାଧୀନ ଥିଲେ

## - ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର: ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ୩ଟା ୪୯ରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ , ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ କିଛି ଦିନ ପୂର୍ବରୁ ଏମ୍‌ସରେ ଭର୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଂଟିଲେଟରରେ ରଖାଯାଇଥିଲା। ଏମ୍‌ସରେ ଭର୍ତି ହେବା ପରେ ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତ ମହାପାତ୍ରଙ୍କ ବଡ଼ ପୁଅଙ୍କ ସହିତ ଫୋନରେ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହୋଇଥିଲେ।

ସୂଚନାଯୋଗ୍ୟ, ରଘୁନାଥ ମହାପାତ୍ର ପୁରୀରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୯୭୫ ମସିହାରେ ପଦ୍ମଶ୍ରୀ, ୨୦୦୧ ମସିହାରେ ପଦ୍ମଭୂଷଣ ଓ ୨୦୧୩ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମବିଭୂଷଣରେ ସମ୍ମାନୀତ ହୋଇଥିଲେ। ୨୦୧୮ରେ ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ବିଜେଡ଼ି ସମର୍ଥନରେ ସେ ସ୍ୱାଧୀନ ଭାବେ ରାଜ୍ୟସଭା ସାଂସଦ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ତେବେ ଗତ ବର୍ଷ ତାଙ୍କୁ ରାଷ୍ଟ୍ରପତି ରାଜ୍ୟସଭା ସାଂସଦ ଭାବେ ମନୋନୀତ କରିଥିଲେ। ଦ୍ୱିତୀୟ କୋଣାର୍କ ପାଇଁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା କିନ୍ତୁ ଅଧୁରା ରହିଗଲା। ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ପରମ ଭକ୍ତ ଭାବେ ଜଣାଶୁଣା ଥିଲେ। ଭୁବନେଶ୍ୱର ଉପକଣ୍ଠରେ ଥିବା ଶିଳ୍ପୀ ଗ୍ରାମ ଓ “ରଘୁନାଥ କ୍ରାଫ୍ଟସ୍”ର ପ୍ରତିଷ୍ଠାତା ଥିଲେ। ପୁରାତନ ଶୈଳୀରେ ନୂତନ ଭାବେ ନିର୍ମିତ ତାରାତାରିଣୀ ମନ୍ଦିରର ମୁଖ୍ୟ ସ୍ଥପତି ଭାବେ କାର୍ଯ୍ୟ କରିବା ସହ ଭାରତ ସାରା ଅନେକ ମନ୍ଦିର ନିର୍ମାଣ କରିଛନ୍ତି। ୨୦୧୬ ମସିହାରେ ଓଡ଼ିଶା ସରକାର ତାଙ୍କୁ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ଭାବରେ ନିଯୁକ୍ତ ହୋଇଥିଲେ।

# ରଘୁନାଥ ମହାପାତ୍ରଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର: ରାଜ୍ୟ ସଭା ସାଂସଦ ତଥା ଆନ୍ତର୍ଜାତୀୟ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। କରୋନା ମହାମାରୀରେ ସଂକ୍ରମିତ ହୋଇ ରଘୁନାଥ ବାବୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ ଓ ଦୁଃଖିତ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତଃ ରଘୁନାଥ ବାବୁ ଜଣେ ପ୍ରତିଷ୍ଠିତ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ପୁରୀ ଶ୍ରୀମନ୍ଦିର ଭଳି ଅବିକଳ ମନ୍ଦିର ବାଲେଶ୍ୱରରେ ନିର୍ମାଣ କରି ପ୍ରଶଂସା ଓ ସମ୍ମାନ ସାଉଁଟି ଥିବା ସ୍ୱର୍ଗତ ମହାପାତ୍ର ଅବିକଳ କୋଣାର୍କର ସୂର୍ଯ୍ୟ ମନ୍ଦିର ତିଆରି କରିବାର କଳ୍ପନା କରିଥିଲେ। ସମଗ୍ର ବିଶ୍ୱ ଜଣେ ସୁନାମ ଅର୍ଜନ କରିଥିବା ଏଭଳି ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ହରାଇଲା, ଯାହା ଅପୂରଣୀୟ କ୍ଷତି। ଓଡ଼ିଶାରେ କଳା ଓ ଐତିହ୍ୟକୁ ସମୃଦ୍ଧ କରିବା ଦିଗରେ ସ୍ୱର୍ଗତଃ ମହାପାତ୍ରଙ୍କ ଅତୁଳନୀୟ ଅବଦାନ ପାଇଁ ସେ ପଦ୍ମଶ୍ରୀ, ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଛନ୍ତି ଯାହା ସବୁଦିନ ପାଇଁ ତାଙ୍କୁ ସ୍ମରଣୀୟ କରି ରଖିବ। ସ୍ୱର୍ଗତଃ ରଘୁନାଥ ବାବୁଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ।

# ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ଯୁବ ଉପସଭାପତିଙ୍କ କୃତଜ୍ଞତା

କେନ୍ଦୁଝର (ପିଏନ୍): ଚଳିତ ମେ’ ମାସ ୧ ତାରିଖ ଠାରୁ ୧୮ ବର୍ଷରୁ ୪୫ବର୍ଷର ସମସ୍ତ ବ୍ୟକ୍ତିଙ୍କୁ ମାଗଣା ଟୀକା ଦିଆଯାଉଛି। ଏ ବାବଦରେ ୨ହଜାର କୋଟି ଟଙ୍କାର ବୋଝ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପ□କୁ ବିଜୁ ଯୁବ ଜନତା ଦଳ ପକ୍ଷରୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଯୁବବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ଏଭଳି ସମୟୋଚିତ ପଦକ୍ଷେପ ଗ୍ରହଣ କରିଥିବାରୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଯୁବ ଉପସଭାପତି ସୌମ୍ୟ ଶଙ୍କର ଚକ୍ର ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳର ଶ୍ରୀ ଚକ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସଦାସର୍ବଦା ଯୁବକମାନଙ୍କ ହିତ ନିମନ୍ତେ ଚିନ୍ତା କରି ସ୍ୱାର୍ଥ ଓ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି। ଏହି ଅବସରରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହି ଐତିହାସିକ ନିଷ୍ପ□କୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି।

ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ସେ କହିଛନ୍ତି କୋଭିଡ୍‌-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ। ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ। ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ। ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍‌-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି। ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ କରିବ। ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




### ରନ୍ଧନ ତୈଳରୁ ପ୍ରସ୍ତୁତ ପ୍ରଥମ ବାୟୋଡିଜେଲ୍ ଯୋଗାଣର ଶୁଭାରମ୍ଭ

## ବିକଳ୍ପ ଇନ୍ଧନ ପ୍ରସ୍ତୁତ କରି ଭାରତର ସ୍ୱଦେଶୀ କ୍ଷମତାକୁ ସୁଦୃଢ଼ କରୁଛନ୍ତି ତୈଳ ବିପଣନ କମ୍ପାନୀ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ଦେଶର ତୈଳ ବିପଣନ କମ୍ପାନୀମାନେ(ଓଏମସି) ବିକଳ୍ପ ଇନ୍ଧନ ପ୍ରସ୍ତୁତ କରି ଭାରତର ସ୍ୱଦେଶୀ କ୍ଷମତାକୁ ନିରନ୍ତର ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ କଳ୍ପନାକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମଙ୍ଗଳବାର ଇଣ୍ଡିଆନ ଅଏଲର ଦିଲ୍ଲୀ ଟିକରୀକଲାନ ଟର୍ମିନାଲରୁ ବ୍ୟବହୃତ ରନ୍ଧନ ତୈଳ(ୟୁସିଓ)ରୁ ପ୍ରସ୍ତୁତ ବାୟୋ ଡିଜେଲ ମିଶ୍ରିତ ପ୍ରଥମ ହାଇସ୍ପିଡ ଡିଜେଲ ଯୋଗାଣର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ୨୦୧୯ରେ ବିଶ୍ୱ ଜୈବ ଇନ୍ଧନ ଦିବସ ଅବସରରେ ବ୍ୟବହୃତ ରନ୍ଧନ ତୈଳରୁ ଉତ୍ପାଦିତ ବାୟୋ-ଡିଜେଲର ସଂଗ୍ରହ ପାଇଁ ଇଓଆଇ(ଏକ୍ସପ୍ରେସନ ଅଫ୍ ଇଂଟ୍ରେଷ୍ଟ) ଯୋଜନା ଆରମ୍ଭ କରାଯାଇଥିଲା । ଏ ଦିଗରେ ଆଜି ବାୟୋ ଡିଜେଲ ମିଶ୍ରିତ ହାଇସ୍ପିଡ ଡିଜେଲ ଯୋଗାଣର ଶୁଭାରମ୍ଭ ଭାରତର ଜୈବ ଇନ୍ଧନ କ୍ଷେତ୍ରରେ ଏକ ଭଲ ପଦକ୍ଷେପ । ଏହି ଇନ୍ଧନ ଦ୍ୱାରା ପରିବେଶ ଉପରେ ସକରାତ୍ମକ ପ୍ରଭାବ ପଡିବ। ଏହି ପଦକ୍ଷେପ ସ୍ୱଦେଶୀ ବାୟୋଡ଼ିଜେଲ ଯୋଗାଣ, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ହେବ ଏବଂ ଗ୍ରାମାଂଚଳରେ ନିଯୁକ୍ତି ସୃଷ୍ଟି କରିବ । ଯାହା ଫଳରେ ଦେଶରେ ଆର୍ଥିକ ଅଭିବୃଦ୍ଧି ହେବ। ବିକଳ୍ପ ଉର୍ଜାର ଅନ୍ୱେଷଣ ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଥିବା ୭ଟି ସବୁଜ ଇନ୍ଧନ ପଦକ୍ଷେପ ମଧ୍ୟରୁ ଜୈବଇନ୍ଧନ ଅନ୍ୟତମ ବୋଲି ସେ କହିଛନ୍ତି ।

ସେହିପରି କରୋନା ମହାମାରୀର କଠିନ ସମୟରେ ମଧ ନିରନ୍ତର ଇନ୍ଧନ ଉପଲବ୍ଧି ଦିଗରେ ତୈଳ କମ୍ପାନୀ ଗୁଡ଼ିକର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ତୈଳ କମ୍ପାନୀମାନେ ଜୈବ ଇନ୍ଧନରେ ନୂଆ ମାଇଲଖୁଂଟ ହାସଲ କରିବା ସହ ବିକଳ୍ପ ଇନ୍ଧନ ଦିଗରେ ଭାରତର ସ୍ୱଦେଶୀ କ୍ଷମତାକୁ ନିରନ୍ତର ସୁଦୃଢ଼ କରୁଛନ୍ତି । ତୈଳ ଓ ଗ୍ୟାସ କମ୍ପାନୀମାନେ ଦେଶର ପ୍ରଗତି ପାଇଁ କାମ କରିବା ସଙ୍ଗେସଙ୍ଗେ ହସ୍ପିଟାଲ ଏବଂ ରାଜ୍ୟରେ କ୍ୟାପଟିଭ୍ ଅକ୍ସିଜେନ ପ୍ଲାଂଟ୍ ପ୍ରତିଷ୍ଠା କରି ଭାରତର କୋଭିଡ୍-୧୯ ମୁକାବିଲାକୁ ମଜବୁତ୍ କରିବା ପାଇଁ ଦିନରାତି କାମ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିବା ସହ ଘରେ ଘରେ ଇନ୍ଧନ ଯୋଗାଉଥିବା କୋଭିଡ୍ ଯୋଦ୍ଧାଙ୍କୁ ମହାମାରୀରୁ ସତର୍କ ରହିବା ପାଇଁ ମଧ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବ୍ୟବହୃତ ରନ୍ଧନ ତୈଳ(ୟୁସିଓ)କୁ ବାୟୋଡିଜେଲରେ ପରିଣତ କରିବା ଏବଂ ତତସହ ଜଡ଼ିତ ଉଦ୍ୟୋଗୀକରଣର ବିକାଶ ପାଇଁ ଏକ ଇକୋ-ସିଷ୍ଟମ ସୃଷ୍ଟି କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଭୂପୃଷ୍ଠ ବିଜ୍ଞାନ ମନ୍ତ୍ରୀ ୧୦ ଅଗଷ୍ଟ ୨୦୧୯ ରେ ବିଶ୍ୱ ଜୈବ ଇନ୍ଧନ ଦିବସ ଅବସରରେ ବ୍ୟବହୃତ ରନ୍ଧନ ତୈଳରୁ ଉତ୍ପାଦିତ ବାୟୋଡିଜେଲର ସଂଗ୍ରହ ପାଇଁ ଏକ୍ସପ୍ରେସନ ଅଫ୍ ଇଂଟ୍ରେଷ୍ଟ (ଇଓଆଇ) ଆରମ୍ଭ କରିଥିଲେ।

ଏହି ମର୍ମରେ ବର୍ତ୍ତମାନ ପର୍ଯ୍ୟନ୍ତ ଇଣ୍ଡିଆନ୍ ଅଏଲ୍ ବାୟୋଡିଜେଲ୍ ପ୍ଲାଂଟ୍ ପାଇଁ ୨୩ଟି ଏଲଓଆଇ ଜାରି କରିଛି। ଯାହାର ମୋଟ କ୍ଷମତା ରହିଛି ୨୨.୯୫ କୋଟି ଲିଟର (୫୫୭.୫୭ ଟିପିଡ଼ି)। ଏହି ପଦକ୍ଷେପ ଅନୁଯାୟୀ, ଇଣ୍ଡିଆନ୍ ଅଏଲ୍ ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦିଲ୍ଲୀ ଟିକରୀକଲାନ ଟର୍ମିନାଲରେ ୫୧କେଏଲ୍ ବ୍ୟବହୃତ ରନ୍ଧନ ତୈଳ -ବାୟୋଡ଼ିଜେଲ ଗ୍ରହଣ କରିଥିଲା ।

# ଏସସିବିରେ ଆହୁରି ୧୦୦ ବେଡ୍ ବଢ଼ିବ

ଭୁବନେଶ୍ୱର: କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜରେ ଆଗାମୀ ଦିନରେ ଆହୁରି ୧୦୦ ବେଡ ବଢ଼ିବ । ଏଥିରେ ୪୧ଟି ଆଇସିୟୁ ବେଡ ଓ ୪୦ଟି ଏଚ୍‌ଡିୟୁ ରହିବ । ଏସ୍‌ସିବିକୁ ମିଶାଇ କଟକରେ ଏବେ ୧୨ ଶହ ବେଡ, ୩୦୦ ଆଇସିୟୁ ଅଛି। ଏହାସହ ହେଲପ ଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି। କୋଭିଡ ସଂପର୍କିତ ସୂଚନା ଦେବା ଅବସରରେ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ ଏହା କହିଛନ୍ତି ।

ଶ୍ରୀମତୀ ଦାସ କହିଛନ୍ତି ଯେ, ସଂକ୍ରମିତ ମାନେ ଘରେ ରହି ଚିକିତ୍ସିତ ହୁଅନ୍ତୁ । ଜରୁରୀ ପଡ଼ିଲେ କୋଭିଡ କଂଟ୍ରୋଲ ରୁମ ନଂ ୭୦୭୭୭୭୫୫୫୫୫ ସହ ଯୋଗାଯୋଗ କରନ୍ତୁ। ଟୋଲ ଫ୍ରି ନମ୍ବର ୧୮୦୦୩୪୫୮୨୮୯କୁ ଜଣାନ୍ତୁ । ଲକ୍ଷଣ ଥାଇ ଆଂଟିଜେନ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଲେ ସୂଚନା ଦିଅନ୍ତୁ । କୋଭିଡ ହସ୍‌ପିଟାଲରେ ସସପେକ୍ଟ ହିସାବରେ ଭର୍ତ୍ତି କରାଯିବ । କମ ଲକ୍ଷଣ ଥିବା ବ୍ୟକ୍ତି ଗୃହ ସଂଗରୋଧରେ ଭଲ ହେଉଛନ୍ତି। ରାପିଡ ରେସପନ୍ସ ଟିମ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖୁଛି। ହୋମ ଆଇସୋଲେସନର ସୁବିଧା ନଥିଲେ କୋଭିଡ କେୟାରକୁ ଅଣାଯାଉଛି । କୋଭିଡ କେୟାର ସେଂଟରରେ ପର୍ଯ୍ୟାପ୍ତ ପରିମାଣରେ ବେଡ ଉପଲବ୍ଧ ଅଛି । ବର୍ତ୍ତମାନ କୋଭିଡ କେୟାର ସେଂଟରରେ ବେଡ ଆକ୍ୟୁପେନ୍ସି ୪୦ରୁ ୫୦ ପ୍ରତିଶତ । କୋଭିଡ କେୟାର ସେଂଟରରେ ଅକ୍ସିଜେନ ଉପଲବ୍ଧ ଅଛି । ଦରକାର ପଡ଼ିଲେ ଆକ୍ରାନ୍ତଙ୍କୁ କୋଭିଡ ହସ୍‌ପିଟାଲକୁ ପଠାଯାଉଛି । ଆଇସିୟୁ ବେଡ ଉପରେ ଚାପ ରହୁଛି । ଏହାକୁ ଦୂର କରିବା ପାଇଁ ଏସ୍‌ସିବିର କ୍ଷମତାକୁ ବଢ଼ାଇବାକୁ ପ୍ରୟାସ କରାଯାଉଛି । କୋଭିଡ କଣ୍ଟ୍ରୋଲ ରୁମରେ ଉତ୍ସର୍ଗୀକୃତ ଡାକ୍ତର, ନର୍ସ ଓ ଅନ୍ୟ ମେଡିକାଲ କର୍ମଚାରୀ ଅଛନ୍ତି ବୋଲି ଶ୍ରୀମତୀ ଦାସ କହିଛନ୍ତି । କଟକ ସହରରେ ୩୬୮୫ ଜଣ ସକ୍ରିୟ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ୮୮ ପ୍ରତିଶତ ଆକ୍ରାନ୍ତ ଗୃହ ସଂଗରୋଧରେ ଅଛନ୍ତି। କୋଭିଡ କେୟାର ସେଂଟରରେ ୪୦ରୁ ୫୦ ପ୍ରତିଶତ ଶଯ୍ୟା ପୂର୍ଣ୍ଣ ଅଛି। ସେଥିରୁ ୧୦ ପ୍ରତିଶତ ଆକ୍ରାନ୍ତଙ୍କୁ କୋଭିଡ ହସ୍‌ପିଟାଲକୁ ସ୍ଥାନାନ୍ତରଣ କରିବାକୁ ପଡ଼ିଛି ବୋଲି ସେ ସୂଚନା ଦେବା ସହ ଲୋକମାନେ ଲକଡାଉନ୍ ଓ କୋଭିଡ୍ ନିୟମ ପାଳନ କରନ୍ତୁ ଏବଂ ମାର୍କେଟରୁ ପରିବା କିଣିବାକୁ ହେଲେ ପାଖ ଦୋକାନକୁ ଯାଇ ପରିବା ଆଣନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

# ଇ.ଏସ୍.ଆଇ ଡାକ୍ତରଖାନାରେ ପୁନର୍ବାର କୋଭିଡ୍ ଟିକାକରଣ ପାଇଁ ଦାବୀ

ଭୁବନେଶ୍ୱର: କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟବିମା (ଇସ୍.ଆଇ.ସି) ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା ଏବଂ ଏହାର ସମସ୍ତ ସ୍ୱାସ୍ଥ୍ୟଗତ ସୁବିଧା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଏହାର ଏକ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଅଛି। ଭୁବନେଶ୍ୱର ମହାନଗରୀରେ କାର୍ଯ୍ୟରତ ସମସ୍ତ ବୀମାଧାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ଏ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି। ଭୁବନେଶ୍ୱର ମହାନଗରୀରେ କାର୍ଯ୍ୟରତ ପ୍ରାୟ ତିନି ଲକ୍ଷ ବିମାଧାରୀ ଏବଂ ସେମାନଙ୍କ ପରିବାର ବର୍ଗକୁ ହିସାବକୁ ନେଲେ ମୋଟ ପାଖାପାଖି ବାର ଲକ୍ଷରୁ ଅଧିକ ହେବ। ମହାମାରୀ କରୋନାର ମୁକାବିଲା ପାଇଁ ରାଜ୍ୟର କୋଣ ଅନୁକୋଣରେ ଟିକା ଦେବାର ବ୍ୟବସ୍ଥା ହୋଇଥିଲାବେଳେ ପ୍ରଥମ ପର୍ଯ୍ୟାୟରେ ଉକ୍ତ ଡାକ୍ତରଖାନାରେ ମଧ ଟିକା ଦାନ ପ୍ରକ୍ରିୟା ଉପଲବ୍ଧ ଥିଲା। ଉକ୍ତ ଟିକାକରଣ ସମୟରେ କେବଳ ଇ.ଏସ୍.ଆଇ.ସିର ବିମା ଧାରୀ ନୁହଁନ୍ତି ବରଂ ଅନେକ ସାଧାରଣ ଲୋକ ବିଶେଷ କରି ବରିଷ୍ଠ ନାଗରିକ ମଧ ଟିକା ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଟିକାକରଣ ସମୟରେ ଆବଶ୍ୟକ ସମସ୍ତ ସୁବିଧା ଯଥା ଶୀତତାପ ନିୟନ୍ତ୍ରଣ ଯୁକ୍ତ, ଖୋଲା ବିଶ୍ରାମ ସ୍ଥଳି, ଆଶୁ ଚିକିତ୍ସା ବ୍ୟବସ୍ଥା ସହ ଅତି ଉନ୍ନତମାନର ଟିକା ଦାନ ବ୍ୟବସ୍ଥା ଉପଲବ୍ଧ ହେଉଥିଲା। ଦୁଃଖର ବିଷୟ ଗତ ତା. ୦୩.୦୫.୨୦୨୧ ତାରିଖରୁ ଉକ୍ତ ଟିକାଦାନ କେନ୍ଦ୍ରକୁ ଭୁବନେଶ୍ୱର ମ୍ୟୁନିସ୍‌ପାଲଟି ତରଫରୁ ବନ୍ଦ କରି ଦିଆଯାଇଛି। ଫଳରେ ପ୍ରଥମ ପର୍ଯ୍ୟାୟ ଟିକା ନେଉଥିବା ବ୍ୟକ୍ତି ବିଶେଷ ତଥା ବରିଷ୍ଠ ନାଗରିକମାନେ ଏଠାକୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ବିଭିନ୍ନ ଘରୋଇ ସଂସ୍ଥା ବିଶେଷ କରି ସ୍କାଲେଟ ମଲ ମଧ ଟିକା ଦାନର ବ୍ୟବସ୍ଥା କରାଯାଇଥିଲେ ମଧ ଏକ କେନ୍ଦ୍ର ସରକାରୀ ସଂସ୍ଥାକୁ ବନ୍ଦ କରିବା କେତେଦୂର ସମୀଚିନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବିମାଧାରୀମାନେ ଏ.ଏସ୍.ଆର ର କର୍ମଚାରୀ ମାନଙ୍କ ଦ୍ୱାରା ଅନ୍‌ଲାଇନରେ ପଞ୍ଜିକୃତ କରିବା ପାଇଁ ସକ୍ଷମ ହୁଅନ୍ତି। ଯେହେତୁ ସ୍ୱଳ୍ପ ଆୟକାରୀ ବୀମାଧାରୀ ମାନଙ୍କର ନିଜସ୍ୱ କମ୍ପ୍ୟୁଟର ନାହିଁ ତେଣୁ ଏ କେନ୍ଦ୍ରକୁ ଆସି ପଞ୍ଜିକୃତ କରିବା ସେମାନଙ୍କୁ ସହାୟ ହେଉଥିଲା। ବର୍ତ୍ତମାନ ଟିକାକରଣ ବନ୍ଦ ହେବା ଦ୍ୱାରା ଲକ୍ଷ ଲକ୍ଷ ବୀମାଧାରୀ ଓ ତାଙ୍କ ପରିବାର ସଦସ୍ୟମାନେ ହତାସ ହୋଇଯାଇଛନ୍ତି। ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ତଥା ଇ.ଏସ୍.ଆଇ ଆଂଚଳିକ ବୋର୍ଡ଼ର ସଦସ୍ୟ ମଦନ ମୋହନ ଧଳ ତୁରନ୍ତ ଉକ୍ତ ଇ.ଏସ୍.ଆଇ.ସି ଡାକ୍ତରଖାନାରେ ଟିକାଦାନ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶ୍ରମ ସଚିବ, ସ୍ୱାସ୍ଥ୍ୟ ସଚିବ, ଇ.ଏସ୍.ଆଇ ର ନିର୍ଦ୍ଦେଶକ ତଥା ବି.ଏମ.ସି. କମିଶନରଙ୍କୁ ଇ-ମେଲ ମାଧ୍ୟମରେ ଅନୁରୋଧ କରିଛନ୍ତି। ଏ ଟିକା ଦାନ କେନ୍ଦ୍ର ଖୋଲିଲେ ଭୁବନେଶ୍ୱର ଅଂଚଳରେ ବସବାସ କରୁଥିବା ସ୍ୱଳ୍ପ ବେତନ ଭୋଗି କର୍ମଚାରୀମାନେ ସୁବିଧାରେ ଟିକା ନେବା ପାଇଁ ସକ୍ଷମ ହେବେ ବୋଲି ସାଧାରଣରେ ଦାବୀ ମଧ ହେଉଛି।

### ଗୋଟିଏ ଦିନରେ ୮୨୧୬ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୯୭୫୨

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୮୨୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୯୭୫୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୦୪୦୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୩୫୪୮ ରହିଛି ।

ଆଜି ଚିହ୍ନଟ ହୋଇଥିବା ୮୨୧୬ ଜଣଙ୍କ ମଧ୍ୟରୁ ୪୬୮୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୩୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨୭୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୨ ଜଣ, ବରଗଡ଼ରୁ ୩୭୫ ଜଣ, ଭଦ୍ରକରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲାରୁ ୯୮, କଟକରୁ ୪୪୭ ଜଣ, ଦେବଗଡ ଜିଲ୍ଲାରୁ ୯୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୭ ଜଣ, ଗଜପତି ଜିଲ୍ଲାରୁ ୧୨୧, ଗଞ୍ଜାମରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୬ ଜଣ, ଯାଜପୁରରୁ ୩୪୭ ଜଣ, ଝାରସୁଗୁଡ଼ାରୁ ୩୧୬ ଜଣ, କଳାହାଣ୍ଡିରୁ ୨୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୭୭ ଜଣ. କେନ୍ଦ୍ରାପଡ଼ାରୁ ୮୭ ଜଣ, କେନ୍ଦୁଝରରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଖୋର୍ଦ୍ଧାରୁ ୧୨୭୧ ଜଣ, କୋରାପୁଟରୁ ୧୩୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୯୦ ଜଣ, ନବରଙ୍ଗପୁରରୁ ୩୧୯ ଜଣ, ନୟାଗଡ଼ରୁ ୧୯୪ ଜଣ, ନୂଆପଡ଼ାରୁ ୨୬୧ ଜଣ, ପୁରୀରୁ ୪୦୨ ଜଣ, ରାୟଗଡ଼ାରୁ ୨୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୮୫ ଜଣ, ସୋନପୁରରୁ ୨୪୮ ଜଣ, ସୁନ୍ଦରଗଡ଼ରୁ ୬୩୬ ଜଣ ଓ ଷ୍ଟେଟ୍ ପୁଲରୁ ୨୩୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଚିହ୍ନଟ ହେଲେ ଆଉ ନୂଆ ୯୧ ଆକ୍ରାନ୍ତ, ୪ଟି ଗ୍ରାମ କ□ନମେ□ ଜୋନ

ଭଦ୍ରକ: ଭଦ୍ରକ ଜିଲାରୁ ଆଉ ୯୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୪୩ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ସକ୍ରିୟ ସଂଖ୍ୟା ୭୪୨ରେ ପହ□ିଛି। ମୋଟ ୩ ଲକ୍ଷ ୪୩ ହଜାର ୬୩୭ଜଣଙ୍କ ନମୁନା ପରୀକ୍ଷା ପରେ ଜିଲାର ମୋଟ ଆକ୍ରାନ୍ତ ସଂଖ୍ୟା ୮ହଜାର ୭୦୩ ହୋଇଥିବା ବେଳେ ମୋଟ ସୁସ୍ଥ ହୋଇଛନ୍ତି ୭ ହଜାର ୯୩୩ଜଣ। ଯେଉଁ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଏମ୍‌ସ୍ ହସ୍‌ପିଟାଲରେ ୩ଜଣ, ସମ୍ ହସ୍‌ପିଟାଲରେ ୨ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକର ଆ□ୁଂ, ଅରଣ୍ଡୁଆ, ଗୁଆଗଡ଼ିଆ ଓ ମାଟିପକା ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ପୌରପାଳିକାର ୪ ନଂ ୱାର୍ଡ ଓ ୨ ନଂ ୱାର୍ଡରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଭଦ୍ରକ ବ୍ଲକର ଚୁନିଦାରୁ ୨ଜଣ, ରାନ୍ଦିଆ ଗ୍ରାମରୁ ୫ଜଣ, ଭଦ୍ରକ ବ୍ଲକରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୨୯ ନଂ ୱାର୍ଡ ଗରଦପୁରରୁ ୩ଜଣ, ୧୦ ନଂ ୱାର୍ଡ ଜଗନ୍ନାଥପୁର ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ଅପ□ିବିନ୍ଧାରୁ ଜଣେ, ୯ ନଂ ୱାର୍ଡ ବନ୍ତ ଛକରୁ ୨ଜଣ, ବନ୍ତ ବ୍ଲକର ପଦି ଗ୍ରାମରୁ ୭ଜଣ, ସିଲନ୍ଦି ଗ୍ରାମରୁ ୨ଜଣ, ନରାଜପୁରରୁ ଜଣେ, ଛୟାଳସିଂରୁ ଜଣେ, ଗୋପିନାଥପୁରରୁ ୬ଜଣ, ପୁରୁଷଣ୍ଡରୁ ୨ଜଣ, ମହାନ୍ତିପଡ଼ାରୁ ଜଣେ, ପାନପଦୀରୁ ୨ଜଣ, ବାରିକପୁରରୁ ଜଣେ, ଚାନ୍ଦବାଲି ବ୍ଲକର ଧାମରା, ଶଶିକାଦେଇପୁର, ବହୁଗାଁ, ସାନଓସ୍ତିଆ, ପୋଖରୀସାହି ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ସେହିଭଳି ଚାନ୍ଦବାଲି ଏନ୍‌ଏସିର ୧୧ ନଂ ୱାର୍ଡ ବାଲିଗାଁ ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ଗ୍ରାମରୁ ୩ଜଣ, ଜଳମଣ୍ଡୁଆ ଗ୍ରାମରୁ ଜଣେ, କ□ ଗ୍ରାମରୁ ଜଣେ, ମଞ୍ଜୁରିରୋଡରୁ ଜଣେ, ଡଗରପଡା ଗ୍ରାମରୁ ୨ଜଣ, ମିଟୁଆଣିରୁ ଜଣେ, ମରେଇକଣା ଗ୍ରାମରୁ ଜଣେ, ସରସଦା ଗ୍ରାମରୁ ୩ଜଣ, କୁଲଣା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ବାବୁରିଗାଁ, ଜାହାଙ୍ଗିର, ଧୁଷୁରୀ, କାସିମପୁର, ଖଡ଼ିପଦା, ରଘୁନାଥପୁର, ଷୋଳଗାଁ ଗ୍ରାମରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷୋହଡା ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଦ୍ରୁତ ସଂକ୍ରମଣକୁ ନଜରରେ ରଖି ଜିଲ୍ଲାପାଳ ଡ. ଜ୍ଞାନ ଦାସ ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପ□ାୟତର ଖରିଦା ବିନାୟକପୁର ଓ ବାଗଦା ବିନାୟକପୁର ଗ୍ରାମକୁ କ□ନମେ□ ଜୋନ, ଭଦ୍ରକ ବ୍ଲକର ହରିପୁର ପ□ାୟତର ଲାଙ୍ଗୁଡି ମହାଦେବସାହି, ଚାନ୍ଦବାଲି ବ୍ଲକର ଘଟପୁର ପ□ାୟତର ହେଙ୍ଗୁପତି ଗ୍ରାମକୁ କ□ନମେ□ ଜୋନ ଭାବେ ଘୋଷଣା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ମନୋଜ ଦାସଙ୍କ ସ୍ମୃତିରେ ଆନ୍ତର୍ଜାତୀୟ ପୁରସ୍କାର

- ଜନ୍ମସ୍ଥାନରେ ପ୍ରତିଷ୍ଠା ହେବ ମ୍ୟୁଜିଅମ୍ ଓ ଲାଇବ୍ରେରୀ

ଭୁବନେଶ୍ୱର: ଯଶସ୍ୱୀ ସାରସ୍ୱତ ସାଧକ ସ୍ୱର୍ଗତ ମନୋଜ ଦାସଙ୍କ ସ୍ମୃତିରେ "ମନୋଜ ଦାସ ଆନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର" ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡିଆ ସାହିତ୍ୟିକମାନଙ୍କୁ ଏହି ପୁରସ୍କାର ଓଡିଶା ସରକାରଙ୍କ ପକ୍ଷରୁ ପ୍ରତି ବର୍ଷ ଦିଆଯିବ। ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

ଯୁବପୀଢି ମଧ୍ୟରେ ଉଭୟ ଇଂରାଜୀ ଓ ଓଡିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରତିବର୍ଷ ହାଇସ୍କୁଲ ସ୍ତରରେ ଇଂରାଜୀ ଓ ସାହିତ୍ୟରେ ମୌଳିକ ରଚନା ପାଇଁ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ'ପ୍ରଦାନ କରାଯିବ। ଏଥିନିମନ୍ତେ ଉଭୟ ଓଡିଶା ଓ ଇଂରାଜୀ ଭାଷାରେ ଗୋଟିଏ ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

ସେହିପରି ମନୋଜ ଦାସଙ୍କ ପରିବାର ସଦସ୍ୟମାନଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସରକାର ତାଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲାର ଶଙ୍ଖାରୀ ଗ୍ରାମରେ ଥିବା ତାଙ୍କ ପୈତୃକ ବାସଭବନକୁ ହାତକୁ ନେବେ ଏବଂ ତାହାକୁ ପ୍ରଥିତଯଶା ଭାତୃଦ୍ୱୟ ପ୍ରଫେସର ମନ୍ମଥ ଦାସ ଓ ମନୋଜ ଦାସ ଦୁଇ ଭାଇଙ୍କ ନାମରେ 'ମନ୍ମଥ-ମନୋଜ ସ୍ମାରକୀ' ଭାବରେ ଘୋଷଣା କରାଯିବ। ସେଠାରେ ଉଭୟ ମନ୍ମଥ ନାଥ ଦାସ ଓ ମନୋଜ ଦାସଙ୍କଦ୍ୱାରା ଇତିହାସ ଓ ସାହିତ୍ୟ ଉପରେ ଲିଖିତ ସମସ୍ତ ପୁସ୍ତକକୁ ରଖାଯାଇ ଏକ ଲାଇବ୍ରେରୀ ମଧ୍ୟ ସ୍ଥାପନ କରାଯିବ। ବାସଭବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ମଧ୍ୟ କରାଯିବ। ଏହା ବ୍ୟତୀତ ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ ଏବଂ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିକ କୋଣାର୍କ ପ୍ରତିକାର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରାଯିବ।


# ଏସସିବିରେ ଆହୁରି ୧୦୦ ବେଡ୍ ବଢ଼ିବ

ଭୁବନେଶ୍ୱର : କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜରେ ଆଗାମୀ ଦିନରେ ଆହୁରି ୧୦୦ ବେଡ ବଢ଼ିବ । ଏଥିରେ ୪୧ଟି ଆଇସିୟୁ ବେଡ ଓ ୪୦ଟି ଏଚ୍‌ଡିୟୁ ରହିବ । ଏସ୍‌ସିବିକୁ ମିଶାଇ କଟକରେ ଏବେ ୧୨ ଶହ ବେଡ, ୩୦୦ ଆଇସିୟୁ ଅଛି । ଏହାସହ ହେଲପ ଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି । କୋଭିଡ ସଂପର୍କିତ ସୂଚନା ଦେବା ଅବସରରେ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ ଏହା କହିଛନ୍ତି ।

ଶ୍ରୀମତୀ ଦାସ କହିଛନ୍ତି ଯେ, ସଂକ୍ରମିତ ମାନେ ଘରେ ରହି ଚିକିତ୍ସିତ ହୁଅନ୍ତୁ । ଜରୁରୀ ପଡ଼ିଲେ କୋଭିଡ କଂଟ୍ରୋଲ ରୁମ ନଂ ୭୦୭୭୭୭୫୫୫୫୫ ସହ ଯୋଗାଯୋଗ କରନ୍ତୁ । ଟୋଲ ଫ୍ରି ନମ୍ବର ୧୮୦୦୩୪୫୮୨୮୯କୁ ଜଣାନ୍ତୁ । ଲକ୍ଷଣ ଥାଇ ଆଂଟିଜେନ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଲେ ସୂଚନା ଦିଅନ୍ତୁ । କୋଭିଡ ହସ୍‌ପିଟାଲରେ ସସପେକ୍ଟ ହିସାବରେ ଭର୍ତ୍ତି କରାଯିବ । କମ ଲକ୍ଷଣ ଥିବା ବ୍ୟକ୍ତି ଗୃହ ସଂଗରୋଧରେ ଭଲ ହେଉଛନ୍ତି । ରାପିଡ ରେସପନ୍ସ ଟିମ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖୁଛି । ହୋମ ଆଇସୋଲେସନର ସୁବିଧା ନଥିଲେ କୋଭିଡ କେୟାରକୁ ଅଣାଯାଉଛି । କୋଭିଡ କେୟାର ସେଂଟରରେ ପର୍ଯ୍ୟାପ୍ତ ପରିମାଣରେ ବେଡ ଉପଲବ୍ଧ ଅଛି । ବର୍ତ୍ତମାନ କୋଭିଡ କେୟାର ସେଂଟରରେ ବେଡ ଆକ୍ୟୁପେନ୍ସି ୪୦ରୁ ୫୦ ପ୍ରତିଶତ । କୋଭିଡ କେୟାର ସେଂଟରରେ ଅକ୍ସିଜେନ ଉପଲବ୍ଧ ଅଛି । ଦରକାର ପଡ଼ିଲେ ଆକ୍ରାନ୍ତଙ୍କୁ କୋଭିଡ ହସ୍‌ପିଟାଲକୁ ପଠାଯାଉଛି । ଆଇସିୟୁ ବେଡ ଉପରେ ଚାପ ରହୁଛି । ଏହାକୁ ଦୂର କରିବା ପାଇଁ ଏସ୍‌ସିବିର ବଢ଼ାଇବାକୁ ପ୍ରୟାସ କରାଯାଉଛି । କୋଭିଡ କଣ୍ଟ୍ରୋଲ ରୁମରେ ଉତ୍ସର୍ଗୀକୃତ ଡାକ୍ତର, ନର୍ସ ଓ ଅନ୍ୟ ମେଡିକାଲ କର୍ମଚାରୀ ଅଛନ୍ତି ବୋଲି ଶ୍ରୀମତୀ ଦାସ କହିଛନ୍ତି ।

କଟକ ସହରରେ ୩୬୮୫ ଜଣ ସକ୍ରିୟ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ୮୮ ପ୍ରତିଶତ ଆକ୍ରାନ୍ତ ଗୃହ ସଂଗରୋଧରେ ଅଛନ୍ତି । କୋଭିଡ କେୟାର ସେଂଟରରେ ୪୦ରୁ ୫୦ ପ୍ରତିଶତ ଶଯ୍ୟା ପୂର୍ଣ୍ଣ ଅଛି । ସେଥିରୁ ୧୦ ପ୍ରତିଶତ ଆକ୍ରାନ୍ତଙ୍କୁ କୋଭିଡ ହସ୍‌ପିଟାଲକୁ ସ୍ଥାନାନ୍ତରଣ କରିବାକୁ ପଡ଼ିଛି ବୋଲି ସେ ସୂଚନା ଦେବା ସହ ଲୋକମାନେ ଲକଡାଉନ୍ ଓ କୋଭିଡ୍ ନିୟମ ପାଳନ କରନ୍ତୁ ଏବଂ ମାର୍କେଟରୁ ପରିବା କିଣିବାକୁ ହେଲେ ପାଖ ଦୋକାନକୁ ଯାଇ ପରିବା ଆଣନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।


## ଜୁଲାଇ ୧୩ରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ

ବାରିପଦା:୨୦୨୧ ଜୁଲାଇ ୧୨ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀକ୍ଷେତ୍ରଧାମ ପୁରୀରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ତ୍ୟାଗ କରି ରଥାରୂଢ଼ ହୋଇ ଘୋଷଯାତ୍ରାରେ ବାହାରି-ଜନ୍ମବେଦୀ(ମାଉସୀ ମା) ଗୃହକୁ ବିଜେ ହେବାର ପରବର୍ତ୍ତି ଦିନ ମହାପ୍ରଭୂ ଶ୍ରୀଜଗନ୍ନାଥ ଭ୍ରାତା ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କ ସହିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ବିଜେ ହୋଇଥାନ୍ତି । ବଡ଼ଦାଣ୍ଡରେ ରଥାରୂଢ଼ ହୋଇ ଭକ୍ତମାନଙ୍କ ଗହଣରେ ମାଉସୀମା ମନ୍ଦିର(ରାଧାମୋହନ) ଅଭିମୁଖେ ଯାତ୍ରା କରିଥାନ୍ତି । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ଗତ ଫେବୃଆରୀ ୧୬ ପବିତ୍ର ଶ୍ରୀପଂଚମୀ ତିଥିରେ ରଥ କାଠ ଅନୁକୂଳ ହୋଇଥିଲା। ଏହାପରେ ମେ ୧୫ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ, ଭ୍ରାତା ବଳଭଦ୍ରଙ୍କ ତାଳଧ୍ୱଜ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଅଖରେ ଚକ ଲାଗି କାର୍ଯ୍ୟ ମନ୍ଦିର ରୀତିନୀତି ଅନୁସାରେ ସମାପନ ହେବା ପରେ ତିନି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ।

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ପବିତ୍ର ଅକ୍ଷୟ ତୃତୀୟ ତିନି ରଥର ଅଖରେ ଚକ ଲାଗି କାର୍ଯ୍ୟ ନିମନ୍ତେ ଦେବୋତର ବିଭାଗର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ପକ୍ଷରୁ ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ନିର୍ଦ୍ଦେଶ ପ୍ରାପ୍ତି ହେବା ପରେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ରଥ ମମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ୫ ଜଣ ରଥ ମହାରଣା, ଦଉଡ଼ିବଳା ଜଣେ ଓ ୧୮ ଜଣ ବାର୍ଚ୍ଛିଆମାନଙ୍କୁ ନେଇ ଗତ ୬ରୁ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ମେ ୧୪ ତାରିଖ ସୁଦ୍ଧା ଶେଷ କରାଇବା ନିମନ୍ତେ ଲକ୍ଷ ରହିଛି ବୋଲି ରଥ ମହାପାତ୍ର କହିଛନ୍ତି। ସେହିପରି ପୂର୍ବରୁ ରଥ ଖଳାରେ ରଥ ନିର୍ମାଣ ନିମନ୍ତେ ସେଡ଼ ରହିଥିଲା । ମାତ୍ର ଚଳିତ ବର୍ଷ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ନବୀକରଣ ନିମନ୍ତେ ଏହାକୁ ଭାଙ୍ଗି ଦିଆଯାଇଥିବାରୁ ରଥ ନିର୍ମାଣ ନିମନ୍ତେ ସମସ୍ୟା ଦେଖା ଦେଇଛି । ବାରିପଦାରେ ମହାପ୍ରଭୂଙ୍କ ରଥର ନିର୍ମାଣ ପୁରୁଣା ଓ ନୂଆ କାଠକୁ ମିଶାଇ ହୋଇଥାଏ । ଚଳିତ ବର୍ଷ ରଥ ନିର୍ମାଣ ନିମନ୍ତେ ଆବଶ୍ୟକ ପଡୁଥିବା ନୂଆ କାଠର ତାଲିକା ଦେବୋତର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିସାରିଛନ୍ତି । ଅଖରେ ଚକ ଲାଗି କାର୍ଯ୍ୟ ମହାରାଣୀ ଧର୍ମଶାଳା ନିକଟରେ ଆରମ୍ଭ ହୋଇଛି। କିନ୍ତୁ ପଲିଥିନ ତଳେ ସେମାନଙ୍କୁ କାର୍ଯ୍ୟ କରିବାକୁ ପଡୁଛି । ଝଡ଼ ତୋଫାନ ଅଥବା କାଳ ବୈଶାଖୀ ଆସିଲେ ପଲିଥିନ ଛିଣ୍ଡି ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ପୁଣି ହେମସାଗର ପୁଷ୍କରଣୀ ଭିତରେ ପଡ଼ିଥିବା କାଠକୁ ଆଣିବା ନିମନ୍ତେ ହାଇଡ୍ରା ମେସିନ ଦେବାକୁ ଦେବୋତର ବିଭାଗକୁ ଜଣାଇଛି । କରୋନା କଟକଣା ମଧ୍ୟରେ ଡ଼ବଲ ମାସ୍କ ପିନ୍ଧି ରଥ ନିର୍ମାଣ ଆରମ୍ଭ କରାଯାଇଛି। ଗତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ କରୋନା କଟକଣା କାରଣରୁ ଶେଷରେ ରଥ ପ୍ରତିଷ୍ଠା ଅଥବା ରଥ ଟଣା ଆଦିକୁ ବନ୍ଦ କରିଦିଆଯାଇଥିଲା। ମାତ୍ର ଚଳିତ ବର୍ଷ ବଡ଼ଦାଣ୍ଡରେ ଅଶୋକଝରି(ରୁକୁଣା) ରଥ ଗଡ଼ି ଥିବା କାରଣରୁ ମହାପ୍ରଭୂଙ୍କ ଘୋଷଯାତ୍ରାକୁ କୌଣସି କାରଣରୁ ବନ୍ଦ କରାଯିବା ଅଶୁଭ । ଏଣୁ ଚଳିତ ବର୍ଷ ବଡ଼ଦାଣ୍ଡରେ ରଥ ଗଡ଼ିବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର ପ୍ରକାଶ କରଛନ୍ତି। ସୂଚନାଯୋଗ୍ୟ ଯେ, ପବିତ୍ର ଅକ୍ଷୟ ତୃତୀୟରେ ଅଖରେ ଚକ ଲାଗି ହେବା ସାଙ୍ଗକୁ ୨୧ ଦିବସୀୟ ଚନ୍ଦନଯାତ୍ରାରେ ପ୍ରତିଦିନ ମହାପ୍ରଭୂ ପୁରୀ ଚନ୍ଦନ ପୁଷ୍କରଣୀରେ ଚାପ ଖେଳିବାର ରୀତିନୀତି ରହିଥିବା ବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶେଷ ତିନିଦିନରେ ତିନି ଠାକୁର ଚାପ ଖେଳିଥାନ୍ତି । ଏହାପରେ ଜୁନ ୨୪ରେ ଦେବସ୍ନାନ ଓ ୨୯ରେ ମହାପ୍ରଭୂ ଅଣସର ଗୃହ ପ୍ରବେଶ, ଜୁଲାଇ ୯ରେ ନେତ୍ରୋତ୍ସବ ଓ ୧୦ରେ ନବଯୌବନ ବେଶ ଦର୍ଶନ ପରେ ୧୨ରେ ନିଳାଚଳଧାମ ପୁରୀରେ ଶ୍ରୀଗୁଣ୍ଡିଚାଯାତ୍ରା ଦିନ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୂଙ୍କ ପହଣ୍ଡି ବିଜେ, ଜୁଲାଇ ୧୩ ଓ ୧୪ ଦୁଇ ଦିନ ଧରି ରଥ ଟଣା କାର୍ଯ୍ୟ ଅନୁଷ୍ଠିତ ହେବାକୁ ଯାଉଅଛି ।

# ଧାମରାରୁ ଧୁଷୁରୀକୁ ଲମ୍ବିଛି କଳାହୀରାର ଚେର, କଳା ହୀରା ଓ ୨ଗାଡ଼ି ଜବତ ଓ ଜଣେ ଗିରଫ

ଭଦ୍ରକ, ୮ ମଇ (ହି.ସ.) - ଭଦ୍ରକ ଜିଲ୍ଲାରେ ଧଳାଜହର ଓ ଚୋରା ମଦ ବେପାର ହୁ ହୁ ହୋଇ ବଢି ଚାଲିଥିବାବେଳେ ଏବେ କଳା ହୀରା ଅର୍ଥାତ ଚୋରା କୋଇଲା ବେପାର ମଧ ବଢି ଚାଲିଛି। ଏନେଇ ଏକ ରାକେଟ ଧାମରା ଭାୟା ଭଦ୍ରକରୁ ଧୂଷୁରୀ ପର୍ଯ୍ୟନ୍ତ ଚେର ଲମ୍ବିଛି। ଗତ କିଛିଦିନ ପୂର୍ବରୁ ଏହି ଚୋରା କୋଇଲା ଜିଲ୍ଲା ତମାମ ହଇଚଇ ସୃଷ୍ଟି କରିଥିଲା। ଏଥିରେ ମଧ କେତେକଙ୍କୁ ଗିରଫ କରାଯାଇଥିଲା। ପ୍ରକାଶ ଥାଉକି ଏସିଆ ତଥା ବାହାର ଦେଶରୁ ରେଳ ମାଧ୍ୟମରେ ଧାମରା ବନ୍ଦରକୁ ଏହି କୋଇଲା ଆସୁଥିବାବେଳେ ବାଟରେ କୋଇଲା କଳା ବେପାରି ମାନେ ରେଳରୁ କୋଇଲା କାଢ଼ି ତାକୁ ଚୋରାରେ ବିକ୍ରି କରନ୍ତି ଏଥିରେ କୋଟି କୋଟି ଟଙ୍କା ମଧ କଳା ବେପାର ହୁଏ। ଭଦ୍ରକ ସମେତ ତିହିଡ଼ି ଅ ଳର କେତେକ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ସେମାନେ ଏହି କୋଇଲାକୁ ଧୂଷୁରୀ ଅ ଳକୁ ଚୋରାରେ ପଠାଇ ଥାନ୍ତି। କିଛିଦିନ ଧରି ଧୂଷୁରୀ ଅଂଚଳରେ ଏହି କୋଇଲା ଚୋରା ଚାଲାଣ ହେଉଥିବାବେଳେ ଜିଲ୍ଲା ପୋଲିସ ଓ ଆରପିଏଫ୍ ମିଳିତ ଚଢାଉରେ ଅର୍ଜ୍ଜୁନପୁର ଓ ଭଟସାହି ଅ ଳର ଦୁଇଜଣ ଏହି କୋଇଲା ବେପାରିଙ୍କୁ ଗିରଫ କରିଥିଲା। ଗତକାଲି ରାତିରେ ଜେଏଚ୍-୦୯ପି ୨୫୨୨ ଏକ ୧୦ଚକିଆ ଟ୍ରକ ଓ ଓଡ଼ି-୨୨ଏଚ୍ ୬୮୫୦ ଏକ ପିକଅପ୍ ଭ୍ୟାନ୍‌ରେ ପ୍ରାୟ ୫୦ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ବୋଝେଇ ବସ୍ତା ଓ ଗୁଣ୍ଡ କୋଇଲା ନେଇ ଧୂଷୁରୀ ଥାନାର ବୟାଂଡ଼ିହ ପଂଚାୟତର ଆମ୍ବିଳିଗାଁ ଗ୍ରାମକୁ ଆଣୁଥିବାବେଳେ ଗତକାଲି ରାତିରେ ପ୍ରବଳ ବର୍ଷାରେ ଆମ୍ବିଗାଁ ଠାକୁରାଣୀ ଛକରେ ଏହି ଟ୍ରକ୍‌ଟି ଦବିଯାଇଥିଲା। ବହୁ ଚେଷ୍ଟା କରିମଧ କୋଇଲା ବେପାରି ଉକ୍ତ ଟ୍ରକଟିକୁ ଉଠାଇ ପାରିନଥିଲେ। ସେଥିରୁ ମଧ ପ୍ରାୟ ୧୦୦ବସ୍ତା ଗୁଣ୍ଡ କୋଇଲାକୁ ଏହି ଚୋରା ବେପାରିମାନେ ପ୍ରମାଣ ନଷ୍ଟ କରିବା ତଥା ପୋଲିସ ଭୟରେ ସେଠାରେ ପୋଡ଼ି ଦେଇଥିଲେ। ସ୍ଥାନୀୟ ଲୋକମାନେ ଆଜି ସକାଳୁ ଧୂଷୁରୀ ପୋଲିସକୁ ଖବରଦେବାପରେ ଥାନା ଅଧିକାରୀ ପ୍ରଫୁଲ୍ଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମହାପ୍ରସାଦ ନାୟକ ଓ ଥାନା କର୍ମଚାରୀ ଏବଂ ଭଦ୍ରକ ଆରପିଏଫ ପୋଲିସ ଘଟଣା ସ୍ଥଳରେ ପହଂଚି ଉକ୍ତ କୋଇଲା ବୋଝେଇ ଟ୍ରକକୁ ଜବତ କରିଥିଲେ ଏବଂ ଘଟଣା ସ୍ଥଳରୁ କିଛି ଦୂରରେ ପିକଅପ୍ ବୋଝେଇ କୋଇଲାକୁ ମଧ ଜବତ କରିଥିଲେ ଏବଂ ଆଉଗୋଟିଏ କୋଇଲା ବୋଝେଇ ପିକଅପ୍ ଗାଡ଼ି ଭଟସାହି ଅଂଚଳରେ ଲୁଚାଇ ରଖିଥିବାବେଳେ ପୋଲିସ ଆସିବାର ଖବରପାଇ ଘଟଣା ସ୍ଥଳରୁ ଉକ୍ତ ପିକଅପ୍ ଗାଡ଼ିଟିକୁ ଫେରାର କରିଦେଇଥିଲେ। ତେବେ ଜବତ ହୋଇଥିବା ଟ୍ରକର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବାବେଳେ ପିକ୍‌ଅପ୍ ଗାଡ଼ିର ଡ୍ରାଇଭର ଫେରା ହୋଇଯାଇଥିଲେ। କିନ୍ତୁ ହେଲପରକୁ ଗିରଫ କରିଥିଲେ। ତେବେ ଘଟଣାର ଅଧିକ ତଦନ୍ତ ଚାଲିଥିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ କେସ୍ ରୁଜୁ ହୋଇନଥିବା ତଦନ୍ତକାରୀ ଅଧିକାରୀ ମହାପ୍ରସାଦ ନାୟକ ଆମପ୍ରତିନିଧିଙ୍କୁ ଜଣାଇଥିଲେ। ସୂଚନା ଥାଉକି ଧୂଷୁରୀ ଅଂଚଳର ଭଟସାହି, ଆମ୍ବିଳିଗାଁ, ନଦୀଗାଁ, ଅର୍ଜ୍ଜୁନପୁର, ବାଲିପାଟଣା, ହସନାବାଦ, ବୟାଂଡ଼ିହ, ଅସୁରାଳି, କୋଠାର, ବେତାଳିଗାଁ ଆଦି ଅଂଚଳକୁ ରିତିମତ ଭାବେ ଧାମରାରୁ ତିହିଡି ବାଟଦେଇ ଏହି ଅଂଚଳକୁ କଳା ହୀରା ବା କୋଇଲା ଚୋରା ଚାଲାଣ ହୋଇଥାଏ। ଏଥିରେ ପ୍ରାୟ ବେପାରି ଲକ୍ଷ ଲକ୍ଷ ଟଙ୍କାର ବେପାର କରିଥାନ୍ତି। ଏଥିରେ କେତେକ ବ୍ୟକ୍ତି ସମ୍ପୃକ୍ତ ଥାଇ ଏହି ଚୋରା ବେପାରକୁ ସହଯୋଗ କରି ସେମାନେ ମଧ ଲକ୍ଷ ଲକ୍ଷ ଟଙ୍କା ଲାଭବାନ ହେଉଛନ୍ତି। ଏଦୀଗରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ କଲେ ଚୋରା ବେପାରିଙ୍କ ମୁଖା ଖୋଲିଯିବ ବୋଲି ଆଲୋଚନା ହେଉଛି। ଖୁବ୍ ଶୀଘ୍ର ଏହି ଚୋରା ବେପାରି ମାନଙ୍କୁ ସନ୍ଧାନ ନେଇ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଥାନା ଅଧିକାରୀ ପ୍ରଫୁଲ୍ଲ ସିଂ ସୂଚନା ଦେଇଛନ୍ତି।



ଘର୍ଷ ଚିନ୍ତାର ଆଗରେ ଜୀବନ ଚରମରେ
ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Monday May 10, 2021 ଭୁବନେଶ୍ୱର ସୋମବାର, ମେ ୧୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଗୋଟିଏ ଦିନରେ ୧୧୮୦୭ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୨୪୨୦୭

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୧୧୮୦୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୨୪୨୦୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୩୧୬୫୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୦୩୩୫ ରହିଛି ।

ଆଜି ଚିହ୍ନଟ ହୋଇଥିବା ୧୧୮୦୭ ଜଣଙ୍କ ମଧ୍ୟରୁ ୬୬୧୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧୯୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୯୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬୦ ଜଣ, ବରଗଡ଼ରୁ ୪୨୮ ଜଣ, ଭଦ୍ରକରୁ ୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲାରୁ ୧୭୮, କଟକରୁ ୧୦୫୨ ଜଣ, ଦେବଗଡ ଜିଲ୍ଲାରୁ ୧୧୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭୭ ଜଣ, ଗଜପତି ଜିଲ୍ଲାରୁ ୧୦୫, ଗଞ୍ଜାମରୁ ୩୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୩୪ ଜଣ, ଯାଜପୁରରୁ ୩୦୨ ଜଣ, ଝାରସୁଗୁଡ଼ାରୁ ୪୨୧ ଜଣ, କଳାହାଣ୍ଡିରୁ ୩୦୨ ଜଣ, କନ୍ଧମାଳ ଜିଲ୍ଲାରୁ ୯୨ ଜଣ. କେନ୍ଦ୍ରାପଡ଼ାରୁ ୧୪୫ ଜଣ, କେନ୍ଦୁଝରରୁ ୨୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଖୋର୍ଦ୍ଧାରୁ ୧୫୧୦ ଜଣ, କୋରାପୁଟରୁ ୧୨୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭୫ ଜଣ, ନବରଙ୍ଗପୁରରୁ ୪୧୯ ଜଣ, ନୟାଗଡ଼ରୁ ୨୦୪ ଜଣ, ନୂଆପଡ଼ାରୁ ୨୮୬ ଜଣ, ପୁରୀରୁ ୪୫୪ ଜଣ, ରାୟଗଡ଼ାରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୩୩ ଜଣ, ସୋନପୁରରୁ ୨୧୦ ଜଣ, ସୁନ୍ଦରଗଡ଼ରୁ ୧୯୨୨ ଜଣ ଓ ଷ୍ଟେଟ୍ ପୁଲରୁ ୩୦୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଓଡ଼ିଆ ଯୁବ ବର୍ଗ ମାନଙ୍କୁ ମାଗଣା ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯୁବମୋର୍ଚ୍ଚା ର ଖୋଲା ଚିଠି

ଭୁବନେଶ୍ୱର: କରୋନା ଦ୍ୱିତୀୟ ସଂକ୍ରମଣରେ ବିଶେଷ ଭାବେ ଯୁବବର୍ଗ ବହୁ ସଂଖ୍ୟାରେ ପ୍ରଭାପିତ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖବ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ ଗତ ,ପ୍ରିଲ ୨୩ ଦିନ ଓଡ଼ଇଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୮ ରୁ ୪୪ ବର୍ଷ ମଧ୍ୟରେ ଥିବା ଯୁବବର୍ଗ ମାନଙ୍କୁ ମାଗଣା ଟୀକାକରଣ ପାଇଁ ଚିଠି ଲେଖି ଦାବି ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ମଇ ୧ ତାରିଖ ରୁ ଓଡ଼ିଶା ଯୁବକ ମାନଙ୍କର ମାଗଣା ଟୀକାକରଣ ପାଇଁ ନିଜେ ଦାୟିତ୍ୱ ନେଇଛନ୍ତି ବୋଲି ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ଆଜିକୁ ସାତଦିନ ବିତିଯିବା ସତ୍ୱେ ଏ ପର୍ଯ୍ୟନ୍ତ କେବଳ ରାଜଧାନୀ ଭୁବନେଶ୍ୱରଠାରେ ସରକାରଙ୍କ ତରଫରୁ କୋଭିଡ଼୍ ଟୀକାକରଣର ଟ୍ରାଏଲ୍ ରନ୍ ହିଁ ଚାଲିଛି । ଯୁବବର୍ଗଙ୍କୁ କୋଭିଡ଼୍ ଟୀକାକରଣର କାର୍ଯ୍ୟକ୍ରମ ମଇ ୧ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ କାହିଁକି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସତ୍ୱେ ଏ ପର୍ଯ୍ୟନ୍ତ ଭୁବନେଶ୍ୱର ଛଡ଼ା ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଆରମ୍ଭ ହୋଇ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି । ରାଜ୍ୟ ରାଜକୋଷରୁ ଅର୍ଥ ବରାଦ କରି ଓଡ଼ିଶାର ସମସ୍ତ ଯୁବକ ଯୁବତୀ ମାନଙ୍କୁ ମାଗଣାରେ କୋଭିଡ଼୍ ଟୀକା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଥିବା ସତ୍ୱେ ଏ ପର୍ଯ୍ୟନ୍ତ ୧୮ ରୁ ୪୪ ବର୍ଷ ମଧ୍ୟରେ ଥିବା ଯୁବବର୍ଗ ତାଙ୍କର ହକ୍‌ରୁ ବଂଚିତ କାହିଁକି ? ଗତ ୨୧ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଯୁବକ ଯୁବତୀ ମାନଙ୍କୁ ଶିକ୍ଷା, ରୋଜଗାର ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତାରଣା କରି ଆସିଛନ୍ତି । ଏବେ ଏହି କରୋନାର ଦ୍ୱିତୀୟ ଲହରିରେ ବହୁ ଯୁବ ବର୍ଗ ପୀଡ଼ିତ ହୋଇ ପ୍ରତ୍ୟେକ ଦିନ ଜୀବନ ହାରୁଥିବା ଖବର ଆସୁଛି । ଟ୍ରାଏଲ୍ ରନ୍ ପାଇଁ ସାତ ଦନ ପର୍ଯ୍ୟାପ୍ତ ନୁହେଁ କି ? ଆଉ କେତେ ଦିନ ପରେ ଟୀକାର ଟ୍ରାଏଲ୍ ରନ୍ ସରିବ ବୋଲି ମଧ୍ୟ ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ଯୁବ ଭାଇ ଭଉଣୀମାନଙ୍କର ଜୀବନ ସହ ନ ଖେଳି ତାଙ୍କର ଟୀକାକରଣ ଯେତେ ଶୀଘ୍ର ହେବ କରାନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ଆଚାର୍ଯ୍ୟ ଅନୁରୋଧ କରିଛନ୍ତି ।

# ରେଡ଼କ୍ରସ୍‌ର ଉପର ମହଲାକୁ କ୍ୱାରେଣ୍ଟାଇନ ସେଣ୍ଟର କରାଯାଉ

ଭୁବନେଶ୍ୱର: ବିଶ୍ୱ ରେଡ଼କ୍ରସ୍ ଦିବସ ଅବସରରେ ଭାରତୀୟ ରେଡ଼କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ସଦସ୍ୟା ମାନଙ୍କର ଏକ ବୈଠକ ୱେବନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଆବାହକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୋଲିସ କମିସନରେଟ ରେଡକ୍ରସ୍‌ର ଯୁଗ୍ମ-ସମ୍ପାଦକ ଏସିପି ଲଳିତେନ୍ଦୁ ମହାନ୍ତି ଅତିଥୀ ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷ ରେଡକ୍ରସ୍ ଦିବସର ବାର୍ତ୍ତା - ଅଟକାଇ ନପାରିବା(ଅନଷ୍ଟପେବୁଲ) ସମୟ ସାପେକ୍ଷ, ଯାହା ରେଡକ୍ରସ୍‌ର କାମକୁ ଅଟକାଇ ପାରିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା । ଏଭଳି ସଙ୍କଟ ସମୟରେ ଆଜୀବନ ସଦସ୍ୟ ସଦସ୍ୟା ମାନେ ସ୍ୱେଚ୍ଛାକୃତ ସେବା ପ୍ରଦାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ରେଡକ୍ରସ୍ ରାଜ୍ୟ ଶାଖା ଆଜୀବନ ସଦସ୍ୟ ସଦସ୍ୟା ମାନଙ୍କ ସହଯୋଗରେ ଯୁଦ୍ଧ କାଳିନ ଭିତିରେ କରୋନା ପିଡିତ ବ୍ୟକ୍ତି ମାନଙ୍କ ପାଇଁ ଆଇସୋଲେସନ ସେଣ୍ଟର, ଅକ୍ସିଜେନ ଓ ଭେଣ୍ଟିଲେଟର ଇତ୍ୟାଦିର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା । ରେଡକ୍ରସ୍ ଭବନର ଉପର ମହଲା ବହୁଦିନ ହେଲା ଖାଲି ଥିବାରୁ ଏହାକୁ ସାମୟୀକ ଭାବେ କରୋନା ପିଡିତଙ୍କ ପାଇଁ ବ୍ୟବହାର କରିବା ପାଇଁ ରାଜ୍ୟ ରେଡକ୍ରସ୍‌କୁ ଅନୁରୋଧ କରାଯିବାକୁ ନିଷ୍ପତି ନିଆ ଯାଇଥିଲା । ଏହି ୱେବନାର ବୈଠକରେ ଡଃ ଦ୍ୱାରୀକା ନାଥ ମହାନ୍ତି, ପ୍ରସନ୍ନ ରଥ, ଲୋକନାଥ ଜେନା, ଦୁର୍ଗା ପ୍ରସାଦ ପାଢୀ, ନିମାଇଁ ଚରଣ ଦାସ, ଶିତଳ ଚନ୍ଦ୍ର ମହାନ୍ତି, ସାରଦା ଭାରତୀ, ସମରନ ମହାନ୍ତି ଓ ସତ୍ୟଜିତ ପଟ୍ଟନାୟକ ଆଦି ବହୁ ରେଡକ୍ରସ୍ ଆଜୀବନ ସଦସ୍ୟ/ ସଦସ୍ୟା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୧ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର:ରାଜ୍ୟରେ ଗତ ୨୪ ଘଂଟା ମଧରେ ରାଜ୍ୟରେ କରୋନାରେ ୨୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୧୬୧ ହୋଇ ଯାଇଛି । ଗତକାଲି କରୋନାରେ ରାଜ୍ୟରେ ୧୯ ଜଣଙ୍କ ଜୀବନ ଯାଇଥିଲା ।

ଅନୁଗୁଳ ଜିଲ୍ଲାର ଜଣେ ୩୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଏହି ଜିଲ୍ଲାର ଅନ୍ୟ ଜଣେ ୩୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମଧ୍ୟ ମୃତ୍ୟୁ ଘଟିଛି । ଭଦ୍ରକ ଜିଲ୍ଲାର ଜଣେ ୯୨ ବର୍ଷୀୟ ପୁରୁଷ ଓ ଅନ୍ୟ ଜଣେ ୫୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ ଓ ୬୦ ବର୍ଷୀୟା କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ ଜିଲ୍ଲାର ଜମେ ୩୮ ବର୍ଷୀୟ ପୁରୁଷ, ଗଂଜାମ ଜିଲ୍ଲାର ଜଣେ ୨୪ ବର୍ଷୀୟ ପୁରଷ. ଜଗତସିଂହପୁର ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ, ଯାଜପୁର ଜିଲ୍ଲାର ଜଣେ ୩୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କେନ୍ଦୁଝର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ, କେନ୍ଦ୍ରାପଡା ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ,ଖୋର୍ଧା ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୪୪ ବର୍ଷୀୟ ପୁରୁଷ. ୭୧, ବର୍ଷୀୟା ମହିଳା, ୪୦ ବର୍ଷୀୟ ପୁରୁଷ. ଓ ୪୫ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଜଣେ ୮୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ପୁରୀ ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୪୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ୬୮ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମତ୍ୟୁ ଘଟିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଇ.ଏସ୍.ଆଇ ଡାକ୍ତରଖାନାରେ ପୁନର୍ବାର କୋଭିଡ୍ ଟିକାକରଣ ପାଇଁ ଦାବୀ

ଭୁବନେଶ୍ୱର: କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟବିମା (ଇସ୍.ଆଇ.ସି) ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା ଏବଂ ଏହାର ସମସ୍ତ ସ୍ୱାସ୍ଥ୍ୟଗତ ସୁବିଧା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଏହାର ଏକ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଅଛି। ଭୁବନେଶ୍ୱର ମହାନଗରୀରେ କାର୍ଯ୍ୟରତ ସମସ୍ତ ବୀମାଧାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ଏ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି। ଭୁବନେଶ୍ୱର ମହାନଗରୀରେ କାର୍ଯ୍ୟରତ ପ୍ରାୟ ତିନି ଲକ୍ଷ ବିମାଧାରୀ ଏବଂ ସେମାନଙ୍କ ପରିବାର ବର୍ଗକୁ ହିସାବକୁ ନେଲେ ମୋଟ ପାଖାପାଖି ବାର ଲକ୍ଷରୁ ଅଧିକ ହେବ। ମହାମାରୀ କରୋନାର ମୁକାବିଲା ପାଇଁ ରାଜ୍ୟର କୋଣ ଅନୁକୋଣରେ ଟିକା ଦେବାର ବ୍ୟବସ୍ଥା ହୋଇଥିଲାବେଳେ ପ୍ରଥମ ପର୍ଯ୍ୟାୟରେ ଉକ୍ତ ଡାକ୍ତରଖାନାରେ ମଧ ଟିକା ଦାନ ପ୍ରକିୟା ଉପଲବ୍ଧ ଥିଲା। ଉକ୍ତ ଟିକାକରଣ ସମୟରେ କେବଳ ଇ.ଏସ୍.ଆଇ.ସିର ବିମା ଧାରୀ ନୁହଁନ୍ତି ବରଂ ଅନେକ ସାଧାରଣ ଲୋକ ବିଶେଷ କରି ବରିଷ୍ଠ ନାଗରିକ ମଧ ଟିକା ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଟିକାକରଣ ସମୟରେ ଆବଶ୍ୟକ ସମସ୍ତ ସୁବିଧା ଯଥା ଶୀତତାପ ନିୟନ୍ତ୍ରଣ ଯୁକ୍ତ, ଖୋଲା ବିଶ୍ରାମ ସ୍ଥଳି, ଆଶୁ ଚିକିତ୍ସା ବ୍ୟବସ୍ଥା ସହ ଅତି ଉନ୍ନତମାନର ଟିକା ଦାନ ବ୍ୟବସ୍ଥା ଉପଲବ୍ଧ ହେଉଥିଲା। ଦୁଃଖର ବିଷୟ ଗତ ତା. ୦୩.୦୫.୨୦୨୧ ତାରିଖରୁ ଉକ୍ତ ଟିକାଦାନ କେନ୍ଦ୍ରକୁ ଭୁବନେଶ୍ୱର ମ୍ୟୁନିସ୍‌ପାଲଟି ତରଫରୁ ବନ୍ଦ କରି ଦିଆଯାଇଛି। ଫଳରେ ପ୍ରଥମ ପର୍ଯ୍ୟାୟ ଟିକା ନେଉଥିବା ବ୍ୟକ୍ତି ବିଶେଷ ତଥା ବରିଷ୍ଠ ନାଗରିକମାନେ ଏଠାକୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ବିଭିନ୍ନ ଘରୋଇ ସଂସ୍ଥା ବିଶେଷ କରି ସ୍କାଲେଟ ମଲ ମଧ ଟିକା ଦାନର ବ୍ୟବସ୍ଥା କରାଯାଇଥିଲେ ମଧ ଏକ କେନ୍ଦ୍ର ସରକାରୀ ସଂସ୍ଥାକୁ ବନ୍ଦ କରିବା କେତେଦୂର ସମୀଚିନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବିମାଧାରୀମାନେ ଏ.ଏସ୍.ଆର ର କର୍ମଚାରୀ ମାନଙ୍କ ଦ୍ୱାରା ଅନ୍‌ଲାଇନରେ ପଞ୍ଜିକୃତ କରିବା ପାଇଁ ସକ୍ଷମ ହୁଅନ୍ତି। ଯେହେତୁ ସ୍ୱଳ୍ପ ଆୟକାରୀ ବୀମାଧାରୀ ମାନଙ୍କର ନିଜସ୍ୱ କମ୍ପ୍ୟୁଟର ନାହିଁ ତେଣୁ ଏ କେନ୍ଦ୍ରକୁ ଆସି ପଞ୍ଜିକୃତ କରିବା ସେମାନଙ୍କୁ ସହାୟ ହେଉଥିଲା। ବର୍ତମାନ ଟିକାକରଣ ବନ୍ଦ ହେବା ଦ୍ୱାରା ଲକ୍ଷ ଲକ୍ଷ ବୀମାଧାରୀ ଓ ତାଙ୍କ ପରିବାର ସଦସ୍ୟମାନେ ହତାସ ହୋଇଯାଇଛନ୍ତି। ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ତଥା ଇ.ଏସ୍.ଆଇ ଆଂଚଳିକ ବୋର୍ଡ଼ର ସଦସ୍ୟ ମଦନ ମୋହନ ଧଳ ତୁରନ୍ତ ଉକ୍ତ ଇ.ଏସ୍.ଆଇ.ସି ଡାକ୍ତରଖାନାରେ ଟିକାଦାନ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶ୍ରମ ସଚିବ, ସ୍ୱାସ୍ଥ୍ୟ ସଚିବ, ଇ.ଏସ୍.ଆଇ ର ନିର୍ଦ୍ଦେଶକ ତଥା ବି.ଏମ.ସି. କମିଶନରଙ୍କୁ ଇ-ମେଲ ମାଧମରେ ଅନୁରୋଧ କରିଛନ୍ତି। ଏ ଟିକା ଦାନ କେନ୍ଦ୍ର ଖୋଲିଲେ ଭୁବନେଶ୍ୱର ଅଂଚଳରେ ବସବାସ କରୁଥିବା ସ୍ୱଳ୍ପ ବେତନ ଭୋଗି କର୍ମଚାରୀମାନେ ସୁବିଧାରେ ଟିକା ନେବା ପାଇଁ ସକ୍ଷମ ହେବେ ବୋଲି ସାଧାରଣରେ ଦାବୀ ମଧ ହେଉଛି।

# ମାଆ ପାଇଁ ସବୁଜ ସଂକଳ୍ପ

ଭୁବନେଶ୍ୱର: ଆଜି ସାରା ବିଶ୍ୱ ପାଳୁଛି ମାତୃ ଦିବସ। ମାଆର ବାତ୍ସଲ୍ୟ ମମତା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବାକୁ ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଇଥାଏ। ସମ୍ପ୍ରତି ଗୋଟିଏ ପଟେ ସାରା ଦେଶ ମହାମାରୀ କରୋନା ବିରୁଦ୍ଧରେ ଲଢୁଥିବାବେଳେ ଅନ୍ୟପଟେ ସାରା ରାଜ୍ୟ ଲକ୍‌ଡାଉନ୍‌ରେ ଥିବାବେଳେ ପରିବେଶବିତ୍ ତଥା ସାମାଜିକକର୍ମୀ ସୁଶାନ୍ତ ସାହୁ ମାତୃଦିବସକୁ ନିଆରା ଢଙ୍ଗରେ ପାଳି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତା ଦେବା ପାଇଁ ପ୍ରୟାସ କରିଛନ୍ତି। ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ସୁଶାନ୍ତ ରଙ୍ଗବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରି କରିଛନ୍ତି ଏକ ହୃଦୟ। ହୃଦୟ ଭିତରେ ମା'ଙ୍କୁ ସ୍ଥାନିତ କରି ବିଶ୍ୱ ମାତୃ ଦିବସରେ ଭକ୍ତିପୂତ ଶ୍ରଦ୍ଧା, ସମ୍ମାନର ସହ ମାତୃପୂଜା କରିଛନ୍ତି। ବିହନ ପିଣ୍ଡୁଳାରେ ସ୍ଥାନିତଙ୍କୁ ଆସ ମା'ଙ୍କୁ ଭଲ ପାଇବାର ବାର୍ତା ସହ ବିହନ ପିଣ୍ଡୁଳାର ଉପହାର ଦେଇଛନ୍ତି। ଏହି ଶୁଭ ଅବସରରେ ଶ୍ରୀ ସାହୁ କୁହନ୍ତି ମାଆ ଏକ ପବିତ୍ର ଶବ୍ଦ। ଦୁନିଆର ସବୁଠୁ ସୁନ୍ଦର ଶବ୍ଦ ହେଉଛି ମାଆ। ମାଆ ଶବ୍ଦର ଉଚ୍ଚାରଣ ମାତ୍ରେ ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଏକ ନିଛକ ଅନୁଭବ ଭରିଯାଏ ହୃଦୟରେ। ମା' ଶବ୍ଦ ଏକ ସମ୍ବୋଧନ ନୁହେଁ, ଏହି ଶବ୍ଦରେ ଲୁଚିରହିଥାଏ ମମତା ଓ ସହନଶୀଳତା। ସେ ସ୍ନେହମୟୀ, କରୁଣାମୟୀ ଓ ଦୟାମୟୀ ମା'କୁ ପୃଥିବୀ ସହିତ ବି ତୁଳନା କରାଯାଇଥାଏ। ଏଣୁ ଉଭୟ ଜନ୍ମଦାତ୍ରୀ ଓ ଧରିତ୍ରୀ ମା'କୁ ଭଲ ପାଇବା ଓ ତା'ର ସୁରକ୍ଷା ପାଇଁ ଏ ଶୁଭ ଦିବସରେ ପ୍ରତ୍ୟେକ ମଣିଷ ଗୋଟିଏ ଲେଖାଏଁ ଗଛ ଲଗାଇବା ହେଉ କି ସିଡ଼ବଲ୍ ଜରିଆରେ ମା'କୁ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି। ମାଟି, ମଞ୍ଜି ଓ ଗୋବର ଖତରେ ଟାଙ୍ଗରା ଜମିକୁ ଯେଉଁଭଳି ସବୁଜିମା କରିବାର ଶକ୍ତି ରଖିଥାଏ ସେହିପରି ମାଆର ପଣତକାନି ସନ୍ତାନ ପାଇଁ ସୁରକ୍ଷିତ ଏବଂ ନିରାପଦ ରଖିଥାଏ। ଯାହାର ସ୍ନେହ ଆଉ ପ୍ରେମରେ ନଥାଏ କିଛି ସ୍ୱାର୍ଥ ଆଉ କାମନା। ଯିଏ ନିଃସ୍ୱାର୍ଥପରଭାବେ ସନ୍ତାନମାନଙ୍କ ପ୍ରତି ଅଜାଡ଼ି ଦେଇପାରେ ଅଜସ୍ର ଭଲ ପାଇବା ସେ ହେଉଛି ମାଆ। ମାଆ ପାଇଁ ଉତ୍ସର୍ଗ ଆଜିର ଦିନଟିରେ ସମସ୍ତେ ସବୁଜ ସଂକଳ୍ପ ନିଅନ୍ତୁ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray